ଧରିତ୍ରୀ
DHARITRI
September 2-8, 2018 ₹ 2/-

# ଛୁଟିଦିନ



# ଗୁରୁ ପରିବାର

ସମାଜରେ ଏମିତି କେତେଜଣ ମଣିଷ ଅଛନ୍ତି ଯେଉଁମାନେ କି ଗୁରୁ ପରମ୍ପରାର ନୀତି ଆର୍ଦ୍ଦଶରେ ଅନୁପ୍ରାଣିତ ହୋଇ ପିଢି ପରେ ପିଢି ମହାନ୍ ଶିକ୍ଷାଦାନ କାର୍ଯ୍ୟକୁ ପାଳନକରି ଗୁରୁପରିବାର ଭାବେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି...

୩ ପ୍ରଚ୍ଛଦ ପ୍ରସଙ୍ଗ



୧୩ ସହରଠୁ ଦୂର



୮/୯ ସିନେମା

# ଟଏଲେଟ୍ ମ୍ୟୁଜିୟମ୍



ବିଭିନ୍ନ ଜିନିଷର ମ୍ୟୁଜିୟମ୍ ବିଷୟରେ ଆମେ ଜାଣିଛେ ଏବଂ ବୁଲି ଦେଖିଛେ ମଧ୍ୟ। କିନ୍ତୁ ଟଏଲେଟ୍ ମ୍ୟୁଜିୟମ୍ ବିଷୟରେ ଶୁଣିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ ସେତିକି କୌତୂହଳ ମଧ୍ୟ ଜାତ ହୁଏ। ସେହିଭଳି ଏକ ମ୍ୟୁଜିୟମ ରହିଛି ଦିଲ୍ଲୀଠାରେ। ଯେଉଁଠାରେ ସଂଗୃହୀତ ହୋଇ ରହିଛି ପୁରାତନ, ମଧ୍ୟ ଏବଂ ଆଧୁନିକ ଯୁଗର ବିଭିନ୍ନ ଆକୃତିର ଟଏଲେଟ ପ୍ୟାନ। ଏହି ମ୍ୟୁଜିୟମର ନାଁ ରହିଛି 'ସୁଲଭ ଇଣ୍ଟରନ୍ୟାଶନାଲ ମ୍ୟୁଜିୟମ'। ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥାର ଉନ୍ନତି ସାଧନ ଲକ୍ଷ୍ୟ ନେଇ ଏହି ମ୍ୟୁଜିୟମ୍ ୧୯୯୨ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ଭିନ୍ନ ଭିନ୍ନ ପ୍ରକାରର ଯଥା ସୁନା, ରୁପାରେ ନିର୍ମିତ ଟଏଲେଟ୍, ଦୁଇ ମହଲାବିଶିଷ୍ଟ ଟଏଲେଟ ଆଦି ସଂଗୃହୀତ ହୋଇରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨-୮

**ମେଷ**: ପରୋକ୍ଷ ଶତ୍ରୁତା, ନୂତନ କର୍ମାରମ୍ଭ, ଲକ୍ଷ୍ୟ ହାସଲ କରିବେ। ଲାଭାଂଶ ବଢିପାରେ, ନିଷ୍ପତ୍ତି ବଦଳାଇ ପାରନ୍ତି। ଅର୍ଥ ସାହାଯ୍ୟ ମିଳିବ, ପ୍ରଶାସନିକ ସଫଳତା, ଶୁଣାକଥାକୁ ବିଶ୍ୱାସ କରନ୍ତୁ ନାହିଁ। ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ।

**ବୃଷ**: ମିତ୍ରତା ବୃଦ୍ଧି ପାଇବ, ସନ୍ତାନ ହେତୁକ ଦ୍ୱନ୍ଦ୍ୱ, ନୀରବଦ୍ରଷ୍ଟା ରହିବେ, ନୀଚ ସଂସର୍ଗରୁ ଅପନିନ୍ଦା, ବିଦେଶଯାତ୍ରାର ସୁଯୋଗ, ସହଯୋଗ ପାଇବେ, ବ୍ୟବସାୟିକ ସଫଳତା ମିଳିବ।

**ମିଥୁନ**: ବନ୍ଧୁ ସମ୍ପର୍କ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପିଲାଙ୍କ ବିଶୃଙ୍ଖଳିତ ଆଚରଣ, ସୁସ୍ଥତା ବ୍ୟାହତ ହୋଇପାରେ। ପଡୋଶୀଙ୍କ ପ୍ରଶଂସା, ବୁଝାମଣା ଠିକ୍ ରହିବ, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**କର୍କଟ**: ବୃଥା ଚିନ୍ତା, ମାନସିକ ଦ୍ୱନ୍ଦ୍ୱ, ପଡୋଶୀଙ୍କ ସହାନୁଭୂତି, ଅବସାଦ ଦୂର ହେବ। ଆଶା ପୁଣି କଅଁଳି ଉଠିବ, ମନୋରଞ୍ଜନ ପ୍ରୀତିପ୍ରଦ ହେବ, ଆର୍ଥିକ ଉନ୍ନତି ଘଟିବ। ଶୁଭଖବର ପାଇବେ।

**ସିଂହ**: ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ଫଳପ୍ରଦ ଆଲୋଚନା, ବନ୍ଧୁଙ୍କ ଈର୍ଷା, ପ୍ରକାଶନରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ବଦାନ୍ୟତା, ବନ୍ଧୁ ପ୍ରସ୍ତାବ ଆସିବ, ପେଟ ଗୋଳମାଳ, ସଦ୍ଭାବ ଅକ୍ଷୁଣ୍ଣ ରହିବ। ପାରିବାରିକ ଶାନ୍ତି, କଳାପ୍ରିୟ ହେବେ।

**କନ୍ୟା**: ଭୁଲ୍ ବୁଝାମଣାରୁ କଳହ, ବିଳମ୍ବରେ ସଫଳତା, ସମାଲୋଚିତ ହେବେ। ଦୂରଯାତ୍ରା, କାର୍ଯ୍ୟସିଦ୍ଧି, ପରୋକ୍ଷ ଶତ୍ରୁତା, ପାରିବାରିକ ମତାନ୍ତର, ବନ୍ଧୁ ଆସିବେ। କାର୍ଯ୍ୟଦକ୍ଷତା ବୃଦ୍ଧି, ବନ୍ଧୁଙ୍କ ସମର୍ଥନ ମିଳିବ।

**ତୁଳା**: ପାରିବାରିକ ସମସ୍ୟା, ବନ୍ଧୁଙ୍କ ସହଯୋଗ, କାର୍ଯ୍ୟ ଅପୂର୍ଣ୍ଣ ରହିବ, ଅପଦସ୍ଥ ହୋଇପାରନ୍ତି, ସନ୍ତାନ ହେତୁକ ଗୌରବ, କାର୍ଯ୍ୟବ୍ୟସ୍ତତା, ଘର ସାଜସଜ୍ଜା, କ୍ରୀଡାପ୍ରିୟ ହେବେ, ନୈତିକ ମୂଲ୍ୟବୋଧ, ଋଣ ପରିଶୋଧ କରିବେ।

**ବିଛା**: ମାନସିକ ଶାନ୍ତି, ଅର୍ଥଦ୍ରବ୍ୟ ଲାଭ, ବନ୍ଧୁଙ୍କ ନିମନ୍ତ୍ରଣ, ଆନୁଷ୍ଠାନିକ କାମ, ସଙ୍ଗୀତରେ ରୁଚି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଆଲୋଚନାରେ ଅଗ୍ରଗତି, ସାମୟିକ ଅସୁସ୍ଥତା, ଭୁଲ୍ ବୁଝାମଣାରୁ କଳହ, ସ୍ୱାସ୍ଥ୍ୟରେ ଉନ୍ନତି, ଶିକ୍ଷାରେ କୃତିତ୍ୱ ପାଇବେ।

**ଧନୁ**: ପରିସ୍ଥିତି ବଦଳିବ, ରାଜକୀୟ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା, ବନ୍ଧୁଙ୍କ ସହଯୋଗରୁ ସମସ୍ୟା ସୁଧାରି ନେବେ। ଦ୍ୱନ୍ଦ୍ୱର ଅବସାନ ଘଟିବ। ଶତ୍ରୁତାରୁ କାର୍ଯ୍ୟହାନି, ଅଶୌଚ ଖବର ପାଇବେ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ପ୍ରଶାସନିକ ସଫଳତା ମିଳିବ।

**ମକର**: କାମରେ ବିଳମ୍ବ, ଭାବପ୍ରବଣତା ବୃଦ୍ଧି, ଅଧୈର୍ଯ୍ୟ ହୁଅନ୍ତୁନି, ବନ୍ଧୁଙ୍କ ସାହାଯ୍ୟ, ମନୋରଞ୍ଜନରେ ସାମିଲ୍, ଲୋକପ୍ରିୟତା ବୃଦ୍ଧି, ରାଜନୈତିକ ପ୍ରତିଷ୍ଠା, ବସ୍ତ୍ରଭୂଷଣ ପ୍ରାପ୍ତି, ବନ୍ଧୁମିଳନ, ସାମାଜିକ ସମ୍ମାନ, ମିତ୍ରବନ୍ଧୁଙ୍କ ଆଗମନ ଘଟିବ।

**କୁମ୍ଭ**: ସୌଖୀନ ଦ୍ରବ୍ୟ କ୍ରୟ, ସଂଯମତା ହରାଇବେ, ଭଲ କାମ କରି ମଧ୍ୟ ନିନ୍ଦା। ଆର୍ଥିକ ସଂକଟ, ଖଳଲୋକଙ୍କ ସମାଲୋଚନା, ପାରିବାରିକ ସମର୍ଥନ, ସଭାସମିତିକୁ ନିମନ୍ତ୍ରଣ, ସରକାରୀ ସହାୟତା ପ୍ରାପ୍ତି ହେବ।

**ମୀନ**: ଯୋଜନା କାର୍ଯ୍ୟକାରୀ ହେବ, ଆର୍ଥିକ ଅନଟନ, ବନ୍ଧୁଙ୍କ ସାହାଯ୍ୟ, ଦୁଶ୍ଚିନ୍ତାର ମାତ୍ରା କମିବ। ଆଶା ପୂରଣ ହେବ। ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟା, ଧର୍ମକାର୍ଯ୍ୟ କରିବେ, ସହକର୍ମୀଙ୍କ ପ୍ରତାରଣା, ଇଚ୍ଛା ନ ଥାଇ ମଧ୍ୟ ଯାତ୍ରା କରିବାକୁ ପଡ଼ିବ।

# କ'ଣ କୁହେ କଳାଜାଇ



ମନୁଷ୍ୟ ଶରୀରରେ କଳାଜାଇ ରହିବା ସ୍ୱାଭାବିକ କଥା। କିଛି ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଏହି କଳାଜାଇର ସହାୟତା ନିଆଯାଇଥାଏ। ତେବେ ଶରୀରର ବିଭିନ୍ନ ସ୍ଥାନରେ ଥିବା କଳାଜାଇ ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ସ୍ୱଭାବ ଏବଂ ଭାଗ୍ୟ ସମ୍ପର୍କରେ ସୂଚନା ଦେଇଥାଏ।

✻ କପାଳରେ କଳାଜାଇ ଥିଲେ ତାହା ବ୍ୟକ୍ତିଙ୍କ ଆତ୍ମବିଶ୍ୱାସ ସମ୍ପର୍କରେ ସୂଚନା ଦିଏ। ଏହି ବ୍ୟକ୍ତିମାନେ ନିଜ ପ୍ରଚେଷ୍ଟା ଦ୍ୱାରା ସଫଳତା ପ୍ରାପ୍ତ କରିଥାନ୍ତି।

✻ ଗାଲରେ କଳାଜାଇ ଥିଲେ ତାହା ବ୍ୟକ୍ତିଙ୍କ ସାହସିକତା, ବିଦ୍ୱାନ ଏବଂ ଆନ୍ତରିକ ସ୍ୱଭାବର ସୂଚନା ଦେଇଥାଏ।

✻ ଓଠର ଉପରିଭାଗରେ କଳାଜାଇ ଥିଲେ ତାହା ବ୍ୟକ୍ତିଙ୍କ ଉଚ୍ଚ ଆକାଂକ୍ଷା ସମ୍ପର୍କରେ ସୂଚନା ଦେଇଥାଏ। ଏହି ବ୍ୟକ୍ତିମାନେ ଖାଦ୍ୟପ୍ରିୟ ହୋଇଥାନ୍ତି।

✻ ଓଠର ତଳ ଭାଗରେ କଳାଯାଇଥିବା ବ୍ୟକ୍ତି କଠିନ ପରିଶ୍ରମୀ ହେବା ସହ ଅଧ୍ୟବସାୟୀ ମଧ୍ୟ ହୋଇଥାନ୍ତି।

✻ କାନରେ କଳାଜାଇ ଥିବା ବ୍ୟକ୍ତି ଧନବାନ୍ ହେବା ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିଥାନ୍ତି।

✻ ନାକରେ କଳାଜାଇ ଥିବା ବ୍ୟକ୍ତିଙ୍କର ଉଚ୍ଚ ଆତ୍ମସମ୍ମାନ ରହିଥାଏ। ଏହି ବ୍ୟକ୍ତିମାନେ କ୍ଷଣକୋପି ହେବା ସହ କଠିନ ପରିଶ୍ରମୀ ଏବଂ ଉତ୍ତମ ବନ୍ଧୁ ମଧ୍ୟ ହୋଇଥାନ୍ତି।

✻ ଡାହାଣ ହାତ ପାପୁଲିରେ କଳାଜାଇଥିବା ବ୍ୟକ୍ତି ଜୀବନରେ ଅନେକ ସଫଳତା ପାଇବା ସହିତ ଅନେକ ଧନ ସମ୍ପଦର ଅଧିକାରୀ ହୋଇଥାନ୍ତି।

✻ ବେକରେ କଳାଜାଇ ଥିବା ବ୍ୟକ୍ତି କଠିନ ପରିଶ୍ରମୀ ହେବା ସହ ଧୈର୍ଯ୍ୟବାନ୍ ହୋଇଥାନ୍ତି।

# ପାଠକୀୟ

■ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ ବାମରା ବ୍ଲକର ଲରିଆପାଲି ପଞ୍ଚାୟତ ଦିନେ ନିଶା କବଳରେ କବଳିତ ହୋଇରହିଥିଲା। କିନ୍ତୁ ଆଜି ନିଶାମୁକ୍ତ ଯୋଗୁ ଏହି ପଞ୍ଚାୟତଟି ସାରା ରାଜ୍ୟ ପାଇଁ ଗର୍ବ ଆଣିଦେଇଛି। ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ଏହି ପଞ୍ଚାୟତ ସମ୍ପର୍କରେ ସବିଶେଷ ବିବରଣୀ ପଢିବାକୁ ମିଳିବାରୁ ଆପଣଙ୍କୁ ଧନ୍ୟବାଦ। ଲାଇଫଷ୍ଟାଇଲରେ ଭେଲ୍‌ଭେଟ୍ ଫ୍ୟାଶନ ସମ୍ପର୍କରେ ଅନେକ କିଛି ଜାଣିବାକୁ ମିଳିଲା।

*–ବିଚିତ୍ର ବିଶ୍ୱାଳ, ଲକ୍ଷ୍ମୌ*

■ଏଥରର ମୁଖ୍ୟ ପ୍ରସଙ୍ଗ 'ମଦମୁକ୍ତ ଗାଁ' ଲେଖାଟି ଓଡ଼ିଶାରେ ଥିବା ଅନ୍ୟ ଗାଁଗୁଡ଼ିକୁ ନିଶ୍ଚୟ ପ୍ରେରଣା ଯୋଗାଇବ ଏହି ଦିଗରେ ଆଗେଇବା ପାଇଁ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଭି.ଏସ୍. ନଇପଲ୍‌ଙ୍କ ଜୀବନୀ ବିଷୟରେ ଅନେକ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ବର୍ଷା ଉପରେ ଆଧାରିତ ସମସ୍ତ ଗପ ଓ କବିତା ମୋ ମନକୁ ବେଶ୍ ଛୁଇଁଥିଲା।

*–ଅନ୍ତର୍ଯ୍ୟାମୀ ମିଶ୍ର, ତାଳଚେର, ଅନୁଗୋଳ*

■ସିନେମା ପୃଷ୍ଠାରେ ସ୍ଥାନିତ 'ସୁନା ପିଲା ବରୁଣ', 'ଥ୍ୟାଙ୍କ ୟୁ ସିଦ୍ଧାର୍ଥ', 'କରନ୍‌ଙ୍କ ପାଇଁ' ଆଦି ପାଠ ଖୁବ୍ ମଜାଦାର ଥିଲା। ସେହିପରି ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟ (ୱାଇଲ୍ଡ ଲାଇଫ୍) ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ.ବିଜୟକେତନ ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ କାହାଣୀ ପଢିଲି ମୋତେ ଭାରି ଭଲ ଲାଗିଲା।

*–ସତ୍ୟସିଂହ ମାନସିଂହ, ଭବାନୀପାଟଣା*

■'ଧର୍ମସ୍ଥାନ ପାଇଁ ପୋଷାକ ନିୟମ' ପାଠଟି ଏକ ଶିକ୍ଷଣୀୟ ବିଷୟ ଥିଲା ସମସ୍ତଙ୍କ ପାଇଁ। କେଉଁ ଧର୍ମପୀଠକୁ ଯିବା ସମୟରେ କିଭଳି ପୋଷାକ ପିନ୍ଧି ଯିବାର ନିୟମ ରହିଛି ତାହା ଏହି ପାଠଟିରୁ ଭଲଭାବେ ଜାଣିହେଲା। ମଡେଲରେ ପିଙ୍କି ପ୍ରିୟଦର୍ଶିନୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ପ୍ରସିଦ୍ଧ ଶୈବପୀଠ ଭୀମାଶଙ୍କର ବିଷୟରେ ଅନେକ ଅଜଣା କଥା ଜାଣିହେଲା।

*–ଦୀପକ ସାମନ୍ତରାୟ, ସୋର, ବାଲେଶ୍ୱର*

■'ଓପନ୍ ଏୟାର ଜିମ୍', 'କଙ୍କାଳଙ୍କ ସହ ପିଇବେ କଫି' ଏବଂ 'ମିନି ଚେୟାର ସଂଗ୍ରହ' ଆଦି ପାଠ ଖୁବ୍ ଆଶ୍ଚର୍ଯ୍ୟ କରିଥିଲା ମୋତେ। ଯାତ୍ରା ସମ୍ପର୍କିତ ପାଠଗୁଡ଼ିକ ବି ତଥ୍ୟଗତ ହୋଇପାରୁଛି।

*–ପୁପୁଲୁ, ମାମାଲି, ଝୁମୁଝୁମା, ଭୁବନେଶ୍ୱର*

## ବିଶେଷ ଚିଠି



ରଙ୍ଗିନ ଛବିରେ ମନଛୁଆଁ ଲେଖା
ଆସେ ସତେ ଛୁଟିଦିନରେ,
ଯେ ଥରେ ପଢ଼ିଛି ସେ ଚାହିଁ ରହୁଛି
ସପ୍ତାହର ରବିବାରେ।
ସାଥୀ ମନକଥା ଗପ ଓ କବିତା
ତାଜା ସିନେ ସମାଚାର,
ବ୍ୟାକ୍‌ପେଜ୍ ଖବର ସହରଠୁ ଦୂର
ମଜା କାର୍ଟୁନ କର୍ନର।

*–ଶରତ କୁମାର ଚଉଁରୀ,*
*ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଗୁରୁ ପରିବାର




ଜଗନ୍ନାଥ ମିଶ୍ର


ଲକ୍ଷ୍ମୀପ୍ରସାଦ


ପଦ୍ମଜାପ୍ରସାଦ

ସମାଜରେ ଗୁରୁଙ୍କ ସ୍ଥାନ ସର୍ବାଗ୍ରେ । ଗୁରୁ ପରମ୍ପରା ମନେପକାଇଦିଏ ଅତୀତ ଓ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ। ଦିନ ଥିଲା ଯେତେବେଳେ କି ଗାଁ ଚାଟଶାଳୀରେ ଗୁରୁ ଛାତ୍ରଙ୍କ ହାତରେ ଖଡ଼ିଧରାଇ ସ୍ଲେଟ ଉପରେ ବ୍ରହ୍ମା , ବିଷ୍ଣୁ ଓ ମହେଶ୍ୱର ଲେଖି ତା' ପରେ ମୁଣ୍ଡରେ ଖଡ଼ି ଛୁଆଇଁ ବିଦ୍ୟାରମ୍ଭ କରାଉଥିଲେ । ମାତ୍ର ସମୟକ୍ରମେ ଶିକ୍ଷା ପଦ୍ଧତିରେ ଅନେକ ପରିବର୍ତ୍ତନ ଘଟିଛି । ତେବେ ସମାଜରେ ଏମିତି କେତେଜଣ ଅଛନ୍ତି ଯେଉଁମାନେ କି ଗୁରୁ ପରମ୍ପରାର ନୀତି ଆର୍ଦଶରେ ଅନୁପ୍ରାଣିତ ହୋଇ ଜେଜେବାପା-ବାପାଙ୍କ ସମୟରୁ ମହାନ୍ ଶିକ୍ଷାଦାନ କାର୍ଯ୍ୟକୁ ପିଢି ପରେ ପିଢି ପାଳନକରି ଗୁରୁପରିବାର ଭାବେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି।

**ସମାଜରେ ଏମିତି କେତେଜଣ ମଣିଷ ଅଛନ୍ତି ଯେଉଁମାନେ କି ଗୁରୁ ପରମ୍ପରାର ନୀତି ଆର୍ଦଶରେ ଅନୁପ୍ରାଣିତ ହୋଇ ପିଢି ପରେ ପିଢି ମହାନ୍ ଶିକ୍ଷାଦାନ କାର୍ଯ୍ୟକୁ ପାଳନକରି ଗୁରୁପରିବାର ଭାବେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି...**

**ରେଙ୍ଗୁନରେ ବି ନନା ପଢ଼ାଉ ଥିଲେ ପାଠ:**ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷକତା କରୁଥିବା ଚନ୍ଦ୍ରଶେଖର କର କୁହନ୍ତି, ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଗ୍ରାମପଞ୍ଚାୟତର ବ୍ରାହ୍ମଣ ଶାସନରେ ଆମ ଘର । ଦେଶ ପରାଧୀନ ବେଳର କଥା। ମୋ ବାପା (ନନା )ଙ୍କ ନାମ ବୈଦ୍ୟନାଥ କର। ତାଙ୍କ ବିବାହର କିଛି ମାସ ପରେ ସେ ରୋଜଗାର ପାଇଁ ରେଙ୍ଗୁନ ପଳାଇଥିଲେ । ସେଠାରେ ରହୁଥିବା ବେଳେ ସେ ସେଠାର ପିଲାଙ୍କୁ ବି ପାଠ ପଢାଉଥିଲେ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ମାତ୍ର ସେଠାରୁ ଯେତେବେଳେ ସେ ଗାଁକୁ ଆସିବାକୁ ଇଚ୍ଛାକଲେ ସେହି ସମୟରେ ବହୁ କଟକଣା ଲାଗୁହେଲା। ଏଥିଯୋଗୁ ସେ ଆଉ ଗାଁକୁ ଫେରିପାରି ନ ଥିଲେ । ଏମିତିରେ ବହୁବର୍ଷ ବିତି ଯାଇଥିଲା। କିନ୍ତୁ ଚିଠି ଥିଲା ଯୋଗାଯୋଗର ଏକମାତ୍ର ମାଧ୍ୟମ । ତାହା ପୁଣି ମାସ ମାସ ଧରି ବିଳମ୍ବରେ ପହଞ୍ଚୁଥିଲା। ବହୁବର୍ଷ ଧରି ନନା ଦୂର ବିଦେଶରେ ରହିଥିବାରୁ ପରିବାର ଲୋକଙ୍କ ମନରେ ବିଭିନ୍ନ ଆଶଙ୍କା ଉପୁଜିଥିଲା। ଅନ୍ୟପକ୍ଷେ ଆମଘରେ ରହୁଥିବା ନବବଧୂ ମାସ ମାସଧରି ମୋ ନନାଙ୍କ ଫେରିବା ପଥକୁ ଅପେକ୍ଷା କରି ଶେଷରେ ନିରାଶ ହୋଇ ସେ ତାଙ୍କ ବାପଘରକୁ ଚାଲିଯାଇଥିଲେ । ଦୀର୍ଘ ୧୦ବର୍ଷ ପରେ ରେଙ୍ଗୁନରୁ ଲୁଚିକରି ନନା ଗାଁକୁ ଫେରିଥିଲେ। ନନାଙ୍କ ରେଙ୍ଗୁନ ଫେରନ୍ତା ଖବର ଗାଁରେ ଚହଳ ପଡ଼ିଯାଇଥିଲା। ତା ପରେ ନନାଙ୍କ ପାଇଁ ପରିବାର ଲୋକେ ନୂଆ ପ୍ରସ୍ତାବ ଖୋଜି ବିବାହ କରାଇଲେ। । ଏଥର ନନାଙ୍କ ବିବାହ ପରେ ସେ ବଧିସାହିରେ ପ୍ରଥମେ ଚାଟଶାଳୀ ଖୋଲି ପିଲାଙ୍କୁ ପାଠପଢାଇଲେ। ପରେ ସୋରଣ କୁମ୍ଭାରସାହି ଓ ରତନପୁରରେ ପୁଣି ଚାଟଶାଳୀରେ ଦୀର୍ଘ ୪୫ ବର୍ଷଧରି ଚାଟଶାଳୀ ଶିକ୍ଷକଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କିନ୍ତୁ ନନା ୭ମ ଯାଏ ପଢିଥିଲେ ମଧ୍ୟ ଅଗାଧ୍ୟ ଗଣିତ ଜ୍ଞାନର ଅଧିକାରୀ ଥିଲେ। ଆମେ ଦୁଇ ଭାଇ, ତିନି ଭଉଣୀ ନନାଙ୍କ ପାଖରେ ପଢିଲୁ। ଚାଟଶାଳୀ ପଢା ପରେ ମୁଁ ରତନପୁର ପ୍ରାଥମିକ ସ୍କୁଲରେ ୫ମ , କୁହୁଡ଼ି ଜନତା ଉଚ୍ଚବିଦ୍ୟାଳୟରେ ୬ରୁ ୭ମ, ଚିଲିକା ନୂଆପଡ଼ା ହାଇସ୍କୁଲରେ ୧୦ମ ପଢି ଉତ୍ତୀର୍ଣ୍ଣ ହୋଇଥିଲି । ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ବି.ଏ ପଢିଲି ଏବଂ ଗୁରୁଜଙ୍ଗ ବି.ଏଡ. ସ୍କୁଲରେ ବି.ଏଡ. ପଢା ସାରି ପରେ ଏମ.ଏ ଶିକ୍ଷାଲାଭ କରିଥିଲି। । ୧୯୮୮ ମସିହାରେ ଚଣ୍ଡେଶ୍ୱର ପାରିଓରଡ଼ ହାଇସ୍କୁଲ ରେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇ କାର୍ଯ୍ୟ ତୁଲାଉଛି। ମୋ ବିବାହ ପରେ ସ୍ତ୍ରୀ ନଳିନୀପ୍ରଭା ଷଡଙ୍ଗୀ ବି.ଏଡ ସାରି ଭୂଷଣ୍ଡପୁର ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। ମୋର ବଡ଼ ଝିଅ ଐଶ୍ୱର୍ଯ୍ୟା ବିଏ ପରେ ସାକ୍ଷୀଗୋପାଳ ସି.ଟି ସ୍କୁଲରେ ୨ବର୍ଷ ପଢାସାରି ଓଟିଇଟି ପାସ୍ କରିଛି । ଏବେ ସେ ଗାଁ ଶିଶୁମନ୍ଦିରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେହିପରି ମଝିଆ ଝିଅ ଅମୃତା ସି.ଟି ପାସକରି ଏବେ ବଲାଙ୍ଗୀର ଜିଲାର ତାରପୁଡ଼ିଗିଆ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଏବଂ ମୋ ଭାଇ କିଶୋର ଚନ୍ଦ୍ର କର ସି.ଟି ପାସକରି ପ୍ରାୟ ୧୨ବର୍ଷ ହେବ ଶିକ୍ଷକତା କରୁଥିବା ବେଳେ ସେ ଏବେ ରତନପୁର ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ । ଆମ ପରିବାରର ମୁଁ, ମୋ (ନନା) , ଭାଇ ମୋ ସ୍ତ୍ରୀ ଓ ଦୁଇଝିଅ ଶିକ୍ଷକତା ବୃତ୍ତିକୁ ଆପଣେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିବାରୁ ଆତ୍ମସନ୍ତୋଷ ମିଳିଛି।



**ସାର୍‌ଙ୍କ ପୁଅ ବୋଲି ବେଶି ସମ୍ମାନ ମିଳିଥାଏ:** ଖୋର୍ଦ୍ଧା ଜିଲା ବାଣପୁରର ଅଚ୍ୟୁତରାଜପୁର ଏକ ପରିଚିତ ଗାଁ। ଏହି ଗାଁରେ ଦିନେ ଭୂମିଷ୍ଠ ହୋଇଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେହି ଗାଁର ପୁଅ ଜଗନ୍ନାଥ ମିଶ୍ର। ସେ ଗାଁ ସ୍କୁଲରେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସୁପରିଚିତ । ପଞ୍ଚୁଗାଁ, ବିଶରପାଟଣା ଓ ନିମିକ୍ଷେତା ଆଦି ଗାଁର ବହୁ ଛାତ୍ରୀଛାତ୍ର ଏବେ ବି ଜଗନ୍ନାଥ ସାର୍‌ଙ୍କୁ ମନେପକାନ୍ତି। ତାଙ୍କର ସାନପୁଅ ଲକ୍ଷ୍ମୀପ୍ରସାଦ ମିଶ୍ର ଗାଁସ୍କୁଲରୁ ପ୍ରାଥମିକ ଶିକ୍ଷା ଲାଭକରି ପରେ ଗୋଦାବରୀଶ ମହାବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପଢାସାରି ୧୯୯୧ରେ ଗୋଦାବରୀଶ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ । ଜଗନ୍ନାଥ ସାର୍‌ଙ୍କ ବଡ଼ପୁଅ ନୃସିଂହପ୍ରସାଦ ମିଶ୍ର ଜଣେ ଖବରଦାତା । ନୃସିଂହ ପ୍ରସାଦଙ୍କ ସାନପୁଅ ପଦ୍ମଜାପ୍ରସାଦ ମିଶ୍ର ଏବେ କୋଲକାତାରେ କେନ୍ଦ୍ରସରକାରଙ୍କ ଏକ ଶିକ୍ଷାନୁଷ୍ଠାନରେ କେମେଷ୍ଟ୍ରି ପ୍ରଫେସର ଭାବେ କାର୍ଯ୍ୟରତ ଏବଂ ପଦ୍ମଜା ପ୍ରସାଦଙ୍କ ସ୍ତ୍ରୀ ବି ଜଣେ ଅଧ୍ୟାପିକା। ବଡ଼ପୁଅ ସାରଦା ପ୍ରସାଦ ମିଶ୍ର ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ, ମୁମ୍ବାଇରେ ଜଣେ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ତେବେ ଏହି ମିଶ୍ର ପରିବାର ସମ୍ପର୍କରେ ଅଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର କୁହନ୍ତି, ଆମ ପରିବାରର ଅନ୍ୟମାନେ ନିଜନିଜ କ୍ଷେତ୍ରରେ ପ୍ରତିଷ୍ଠିତ। ମାତ୍ର ବାପା (ନନା)ଙ୍କ ପାଇଁ ଆମକୁ ସାର୍‌ଙ୍କ ପୁଅ ବୋଲି ଅଧିକ ସମ୍ମାନ ମିଳେ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶ ଆମ ପାଇଁ ପ୍ରେରଣା । ଆମ ପରିବାରରେ ଶିକ୍ଷକତା କାର୍ଯ୍ୟକୁ ପିଢି ପରେ ପିଢି ଆପଣେଇ ଥିବାରୁ ଏକ ଗୌରବମୟ ପରିଚୟ ସୃଷ୍ଟିକରିଛି।

**ବାପାଙ୍କ ଦରମା ଥିଲା ୭ ଟଙ୍କା ୫୦ପଇସା :** ମୋ ଜେଜେ ଥିଲେ ଶିକ୍ଷକ। ବାପା ହେଲେ ଶିକ୍ଷକ । ମୁଁ ବି ଜଣେ ଶିକ୍ଷକ। ମୋ ପୁଅ ଜଣେ ଶିକ୍ଷକ । ଏବେ ମୋ ନାତୁଣୀ ଜଣେ ଅଧ୍ୟାପିକା। ଏଯାଏ ପାଞ୍ଚ ପିଢି ଧରି ଆମ ପରିବାରରେ ଶିକ୍ଷକତା ବୃତ୍ତିକୁ ଆପଣେଇ ଚାଲିଛୁ । ଶିକ୍ଷକତା କାର୍ଯ୍ୟରେ ପରିବାରର ଗୌରବମୟ ଭୂମିକାକୁ ମନେପକାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତ ସିଂହାର କୁହନ୍ତି ମୋର ଜନ୍ମସ୍ଥାନ ଖୋର୍ଦ୍ଧାଜିଲା ଟାଙ୍ଗି ବ୍ଲକର କୁହୁଡ଼ି ଗଡ଼ଭିତର ସାହିରେ। ମୋ ଜେଜେ ବାପା ଉତ୍ସବ ସାମନ୍ତସିଂହାର ଥିଲେ ଜଣେ ଗାଁ ଚାଟଶାଳୀର ଶିକ୍ଷକ। ମୋ ବାପା ଭିକାରୀ ଚରଣ ସାମନ୍ତ ସିଂହାର ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ଭଲ ଫୁଟବଲ ଖେଳାଳି ମଧ୍ୟ ଥିଲେ । ସେ ପ୍ରଥମେ ବାଣପୁରରେ ୭ମ ପଢିଲେ। ପରେ ଖୋର୍ଦ୍ଧା ସ୍କୁଲରୁ ୧୦ମ ପାସ୍ କରିଥିଲେ। ସେତେବେଳେ ସେ ବାନର ସେନାରେ ମଧ୍ୟ ଯୋଗଦେଇଥିଲେ । କିନ୍ତୁ ସେତେବେଳେ ଆମ ଘରଚଳଣିରେ ଅସୁବିଧା ରହିଥିଲା। ରୋଜଗାର ଆଶାରେ ବାପା ଘରୁ ଲୁଚିକରି ରେଙ୍ଗୁନ ପଳାଇଥିଲେ। କିଛି ମାସ ପରେ ସେ ଗାଁକୁ ଫେରିଆସିଥିଲେ। କାଲୁପଡ଼ାଘାଟରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ପ୍ରାଥମିକ ସ୍କୁଲ ଗଢି ସେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକଲେ । ୧୯୩୪ ମସିହାରୁ ୧୯୬୫ ମସିହା ଯାଏ କ୍ଷେତ୍ରବାସୀ ଏମ.ଇ ସ୍କୁଲ, କୁହୁଡ଼ିରେ ସେ ଯୋଗଦେଇଥିଲେ।

→




ବୈଦ୍ୟନାଥ


ଚନ୍ଦ୍ରଶେଖର ଓ ନଳିନୀ ପ୍ରଭା


କିଶୋର ଚନ୍ଦ୍ର


ଐଶ୍ୱର୍ଯ୍ୟା


ଅମୃତା


ଭିକାରୀ ଚରଣ


ପ୍ରଫୁଲ୍ଲ


ପ୍ରଦୀପ


ଶିଖା

ସେତେବେଳେ ତାଙ୍କୁ ମାସିକ ଦରମା ୭ଟଙ୍କା ୫୦ ପଇସା ମିଳୁଥିଲା । ସମୟକ୍ରମେ ୬୦ଟଙ୍କା ପର୍ଯ୍ୟନ୍ତ ଦରମା ବଢିଥିଲା। ଚାକିରି ଅବସର ବେଳେ ବାପାଙ୍କୁ ଗୋଟିଏ ଛତା, ଏକ ଧୋତି ଓ ହଳେ ଚପଲ ମିଳିଥିଲା। ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା କ୍ଷେତ୍ରବାସୀ ମ.ଇ ସ୍କୁଲରେ। ହଁ ସେତେବେଳେ ମୋ ମାମୁ ରଘୁନାଥ ବଳିୟାରସିଂହ ବୌଦ୍ଧର ଯୋଗେନ୍ଦ୍ର ନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ। ମୁଁ ତାଙ୍କ ପାଖରେ ରହି ସେଠାରେ ପଢିଲି । ୧୯୫୬ ମସିହାରେ ମାଟ୍ରିକ ପାସ୍ କଲି । ପରେ ପୁରୀ ଏସସିଏସ କଲେଜରୁ ପଢାସାରି ଗାଁକୁ ଫେରିଲି । ତା' ପରେ ସୋମନାଥ ହାଇସ୍କୁଲ ଆଙ୍କୁଲାରେ ୩ ମାସ ଶିକ୍ଷକତା କଲି । ସେଠାରୁ ରାଜଗାଙ୍ଗପୁର ସୁନ୍ଦରଗଡ଼କୁ ପଳାଇଥିଲି। କିନ୍ତୁ ଦେହ ଅସୁସ୍ଥ ଯୋଗୁ ଗାଁକୁ ଫେରିଆସିଲି । ଏହା ପରେ ଗଞ୍ଜାମ ସୋରଡ଼ାରେ ଏବିଡିଓ ଭାବେ ନିଯୁକ୍ତି ପାଇଲି । କିଛି ମାସ ପରେ ସେ ଚାକିରିକୁ ଛାଡ଼ିଦେଲି ଏବଂ ବି.ଏଡ୍. ପଢିଲି ଯେଉଁ ଦିନ ପାଟଣାରୁ ଗାଁକୁ ଫେରିଲି, ସେଦିନ କୁହୁଡ଼ି ଷ୍ଟେଶନଠାରୁ ପରିବାର ଲୋକେ ମୋତେ ଶଗଡ଼ରେ ଘରକୁ ଆଣିଥିଲେ। କିନ୍ତୁ ଘରେ ଅପେକ୍ଷା କରିଥାନ୍ତି ଶତ୍ରୁଘନ ଶତ୍ରୁଶଲ୍ୟ ଓ ଭାସ୍କର ସାମନ୍ତରା ନାମକ ଦୁଇଜଣ ଭଦ୍ରବ୍ୟକ୍ତି । ସେମାନେ ମୋତେ ଶିକ୍ଷକଭାବେ ନେବାପାଇଁ ଆସିଥିଲେ ବୋଲି ଜାଣିଲି। ଶେଷରେ ନାଟୁଣୀ ସ୍କୁଲରେ ପ୍ରଧାନ ଶିକ୍ଷକଭାବେ ଯୋଗଦେଲି । ସ୍କୁଲର ପ୍ରତିଷ୍ଠାତା ଗୋଦାବରୀଶ ମହାପାତ୍ର ଓ ଲକ୍ଷ୍ମୀଧର ପଟ୍ଟଶାଣୀ ମୋ କହିବା ଅନୁସାରେ ଦୁଇଟି ସାଇକେଲ ବ୍ୟବସ୍ଥା କରିଥିଲେ । ସାଇକେଲ ଧରି ଗାଁ ଗାଁବୁଲି ପିଲା ସଂଗ୍ରହ କଲୁ । ପିଲାଙ୍କ ପଢାପାଇଁ ସମସ୍ତେ ଉଦ୍ୟମ କଲୁ । ମୋତେ ସେତେବେଳେ ଦରମା ୧୧୫ଟଙ୍କା ମିଳୁଥିଲା। ଏହି ସମୟରେ କୁହୁଡ଼ିର ଜୟକୃଷ୍ଣ ବରାଳ ଓ ପ୍ରବୋଧ ପଟ୍ଟନାୟକ କିଛିଦିନ ପାଇଁ ଏହି ସ୍କୁଲରେ ଯୋଗଦେଇ ପିଲାଙ୍କୁ ପଢେଇଲେ । ସେତେବେଳେ ବହୁ ଅଭାବ ଅସୁବିଧାରେ ସ୍କୁଲ ଗତି କରୁଥିଲା । ସମୟକ୍ରମେ ଏହି ବିଦ୍ୟାଳୟର ଛାତ୍ର ବ୍ରଜକିଶୋର ସାହୁ ୧୦ମ ବୋର୍ଡ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ୨ୟ ସ୍ଥାନ ପାଇଲେ। ଏହା ସ୍କୁଲର ସୁନାମ ଅର୍ଜନ କଲା। ଅନ୍ୟପକ୍ଷେ ମୋ ଶିକ୍ଷକ ଜୀବନରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେଇଛି । ୧୯୭୯ ମସିହାରେ ଶିକ୍ଷକ ଆନ୍ଦୋଳନରେ ଯୋଗଦେଇ ଜେଲ ଯାଇଛି। ଏପରି କି ଆନ୍ଦୋଳନ ବେଳେ ପୋଲିସ ଆମକୁ ଉଠାଇ ନେଇ ଚନ୍ଦକା ଜଙ୍ଗଲରେ ନିରୁଦ୍ଦିଷ୍ଟଭାବେ ଛାଡ଼ିଦେଇଥିଲା। ସେତେବେଳେ ଅବିଭକ୍ତ ପୁରୀଜିଲା ଶିକ୍ଷକ ସଂଗଠନର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଥିଲି। ୧୯୬୨ରୁ ୧୯୯୭ ମସିହା ଯାଏ ଶିକ୍ଷକଭାବେ କାର୍ଯ୍ୟକରିଛି । ଡିବିରି ଆଲୁଅରେ ବିଳମ୍ବିତ ରାତିଯାଏ ପିଲାମାନଙ୍କୁ ପାଠପଢାଇବାରେ ନିଆରା ଅନୁଭୂତି ରହିଛି। ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇ କାର୍ଯ୍ୟକୁ ଆହ୍ୱାନ ପରି ନେଉଥିଲୁ। ମୋ ପରିବାରରେ ଅନ୍ୟମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ । ବଡ଼ପୁଅ ପ୍ରଦୀପ ସାମନ୍ତସିଂହାର ନାଟୁଣୀ ମହାବିଦ୍ୟାଳୟରେ ଖେଳଶିକ୍ଷକ ଭାବେ ନିଯୁକ୍ତ । ମୋ ନାତୁଣୀ ଶିଖା ସାମନ୍ତସିଂହାର ବାଲୁଗାଁ କଲେଜରେ ଅଧ୍ୟାପିକା ଭାବେ ନିଯୁକ୍ତି ପାଇଛି। ଏବେ ସପରିବାର ନାଟୁଣୀରେ ରହୁଛୁ

**ପିଲାମାନେ ଗାମୁଛାପିନ୍ଧି ସ୍କୁଲ ଆସୁଥିଲେ :** ଦେଶରେ ବ୍ରିଟିଶ ଶାସନ ଚାଲିଥାଏ । ଶିକ୍ଷାର ବିଶେଷ ପ୍ରସାର ହୋଇ ପାରି ନ ଥିଲା । ସେତେବେଳେ ରାତିରେ ଡିବି ଜାଳିବା ପାଇଁ କିରୋସିନର ଘୋର ଅଭାବ ଥାଏ। ଅନେକ ଗାଁରେ ପିଲାମାନଙ୍କୁ କେବଳ ଦିନବେଳା ପାଠ ପଢା ଯାଉଥିଲା । ପିଲାମାନେ ଗାମୁଛା ପିନ୍ଧି ସ୍କୁଲକୁ ଆସୁଥିଲେ । ଯାତାୟାତ ପାଇଁ ରାସ୍ତାଘାଟର ବିଶେଷ ସୁବିଧା ନ ଥିଲା। ଶିକ୍ଷକମାନେ ପାଦଚଲା ରାସ୍ତାରେ ବିଭିନ୍ନ ଗାଁକୁ ଯାଇ ଶିକ୍ଷାର ବିକାଶ ପାଇଁ ଉଦ୍ୟମ କରୁଥିଲେ । ଗଡ଼ଜାତ ଅଞ୍ଚଳରେ ରାଜାଙ୍କ ଦ୍ୱାରା ଶିକ୍ଷକମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତ କରାଯାଉଥିଲା । ଯେଉଁ ଗ୍ରାମକୁ ଶିକ୍ଷକ ଯାଉଥିଲେ ସେଠାରେ ଅତିଥିଭାବେ ସେ ପରିବାର ମଧ୍ୟରେ ଭୋଜନ କରୁଥିଲେ । ଗୁରୁଙ୍କୁ ଭକ୍ତି ଓ ସମ୍ମାନ ମିଳୁଥିଲା । ଏମିତି କିଛି ଶିକ୍ଷକଙ୍କ ଜୀବନର ଗାଥା ନିଜ ଜେଜେବାପା ଓ ବାପାଙ୍କ ଠାରୁ ଶୁଣିଥିବା କଥା କୁହନ୍ତି ଶିକ୍ଷକ ଶିଶିର କୁମାର ବିଶ୍ୱାଳ(ଟିକୁ) । ସେ କୁହନ୍ତି, ଆମ ଘର କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଶାସଙ୍ଗ ଗ୍ରାମରେ । ମୋ ଜେଜେବାପା ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ । ତାଙ୍କ ନାମ ବାଞ୍ଛାନିଧି ବିଶ୍ୱାଳ । ଜନ୍ମ ୧୯୧୪ ମସିହାରେ। ସେ ଭର୍ନାକୁଲାର ଇଟି ପାସ କରିଥିଲେ । ସେତେବେଳେ ସେ ବାନର ସେନାରେ ବି ଯୋଗ ଦେଇଥିଲେ। କେନ୍ଦୁଝରର ବଡ଼ବିଲ, ଉଖୁଣ୍ଡା, ରଜିଆ, ରମାକାନ୍ତ ଓ ମୌଦା ଆଦି ଗାଁ ସ୍କୁଲରେ୧୯୩୨ ମସିହାରୁ ୧୯୭୪ ମସିହା ଯାଏ ଶିକ୍ଷକ ଜୀବନ ବିତାଇଥିଲେ । ପ୍ରଥମେ ଦରମା ମିଳିଲା ମାତ୍ର ୯ଟଙ୍କା । ପରେ ବଢି ୨୫୫ଟଙ୍କା ହୋଇଥିଲା। । ରାସ୍ତାଘାଟର ବହୁ ଅସୁବିଧା । ବିଭିନ୍ନ ଗାଁରେ ପିଲାମାନଙ୍କୁ ଶିକ୍ଷାଦାନ ପାଇଁ ବହୁକଷ୍ଟ କରିବାକୁ ପଡୁଥିଲା। ମୋ ବାପା ପ୍ରଫୁଲ୍ଲ କୁମାର ବିଶ୍ୱାଳ ବିଏ,ବିଏଡ ପାଠପଢା ପରେ ସେ ୧୯୭୫ମସିହାରୁ ୨୦୧୧ଯାଏ ତେନ୍ତୁଳିପଦି, ଛେନାପଦି,ଶାସଙ୍ଗ,ରମ୍ପାସ ଆଦି ଗାଁର ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିଥିଲେ। ଶିକ୍ଷକତାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବିଭିନ୍ନ ସଂସ୍କାରମୂଳକ ସାମାଜିକ କାର୍ଯ୍ୟରେ ମଧ୍ୟ ଯୋଗ ଦେଇ ଲୋକପ୍ରିୟତା ହାସଲ କରିଛନ୍ତି । ମୋ ପିଉସୀ ସ୍ନେହଲତା ବି ଜଣେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି । ମୁଁ ଗାଁ ସ୍କୁଲରେ ପ୍ରାଥମିକ ପଢାସାରି ପରେ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟରେ ୧୦ମ ପାସ୍‌କଲି । ଏହା ପରେ ଆନନ୍ଦପୁର କଲେଜରେ ସାଇନ୍‌ସ ପଢିଲି ଏବଂ ଏଜୁକେଶନରେ ଏମ.ଏ ପଢାସାରି


ବାଞ୍ଛାନିଧି



ପ୍ରଫୁଲ୍ଲ


ସ୍ନେହଲତା


ଶିଶିର

ଫକିରପୁର ସରକାରୀ ବି.ଏଡ ଟ୍ରେନିଂ ସ୍କୁଲରେ ବି.ଏସସି. , ବି.ଏଡ ଏବଂ ଏମ.ଏ ଏଜୁକେଶନ ସାରିଲି । ୧୯୯୯ ମସିହାରେ ଶାସଙ୍ଗ ପଞ୍ଚାୟତ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ। ପରିବାରରେ ଅନ୍ୟମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। କିନ୍ତୁ ଶିକ୍ଷକ ପରିବାର ଭାବେ ଆମ ଅଞ୍ଚଳରେ ଆମର ଏକ ନିଆରା ପରିଚୟ ରହିଛି।

**-ବନବିହାରୀ ବେହେରା**





# ଉଚ୍ଚତା କମ୍ ହୋଇଥିଲେ



ବ୍ୟକ୍ତିଙ୍କର ହାଇଟ୍ ବା ଉଚ୍ଚତା ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । କମ୍ ଉଚ୍ଚତା ତୁଳନାରେ ଯେଉଁମାନଙ୍କର ଉଚ୍ଚତା ଟିକେ ଲମ୍ବା ସେମାନଙ୍କୁ ସବୁପ୍ରକାରର ଆଉଟ୍‌ଫିଟ୍ ଖୁବ୍ ସୁନ୍ଦର ମାନିଥାଏ, ଯଦ୍ଦ୍ୱାରା ସେମାନଙ୍କ ଲୁକ୍ ଆକର୍ଷଣୀୟ ଲାଗେ...









**ବ୍ୟ**କ୍ତିଙ୍କର ଉଚ୍ଚତା ବି ସେମାନଙ୍କ ବ୍ୟକ୍ତିତ୍ୱ ଉପରେ କିଛିଟା ଛାପ ପକାଇଥାଏ । ଫ୍ୟାଶନ ଦୁନିଆରେ ସାଧାରଣତଃ ଯେଉଁମାନଙ୍କର ହାଇଟ୍ ଟିକେ ଅଧିକ ତାହା ସେମାନଙ୍କ ପର୍ସନାଲିଟିକୁ ବୁଷ୍ଟ କରିଥାଏ । ତେଣୁ କମ୍ ଉଚ୍ଚତା ଥିବା ଯୁବତୀ ଚାହିଁଲେ ଡ୍ରେସ୍‌ଅପ୍ ସମୟରେ କିଛିଟା ଟିପ୍ସକୁ ଆପଣେଇ ନିଜ ହାଇଟ୍‌କୁ ଆଉ ଟିକେ ହାଇଲାଇଟ୍ କରିପାରିବେ, ଯଦ୍ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ବି ଲାଗିବ ଆହୁରି ଆକର୍ଷଣୀୟ...

**ଜିନ୍ସ ଓ ଜ୍ୟାକେଟ୍:** ଜିନ୍ସ ସମସ୍ତଙ୍କୁ ଭଲ ମାନିଥାଏ । ଜ୍ୟାକେଟ୍ ବି ଆକର୍ଷଣୀୟ ଲୁକ୍ ଦେଇଥାଏ । ଖାସ୍ କରି ଯେଉଁ ଯୁବତୀଙ୍କର ଉଚ୍ଚତା ଟିକେ କମ୍ ସେମାନେ ଜିନ୍ସ ଓ ଜ୍ୟାକେଟ୍ ପିନ୍ଧିବା ନିହାତି ଦରକାର । ତା'ସହିତ ହିଲ୍ ବାଲା ବୁଟ୍ ପିନ୍ଧିଲେ ବି ଆହୁରି ଭଲ । କାରଣ ଏହାଦ୍ୱାରା ସେମାନଙ୍କୁ ଟଲ୍ ଲୁକ୍ ମିଳିଥାଏ ।

**ବେଲ୍ଟ :** ବେଲ୍ଟ ବି ହାଇଟ୍‌କୁ ହାଇଲାଇଟ୍ କରିବାରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥାଏ । ଜିନ୍ ପ୍ୟାଣ୍ଟ, ଶାର୍ଟ ହେଉ ଅବା ଯେ କୌଣସି ଗାଉନ୍ ଡ୍ରେସ୍ ପିନ୍ଧିଲାବେଳେ ତା'ସହିତ ମ୍ୟାଚିଂ କରି ଆପଣ ଚାହିଁଲେ ଷ୍ଟାଇଲିଶ୍ ବେଲ୍ଟ ବ୍ୟବହାର ମଧ୍ୟ କରିପାରିବେ । ଏହାଦ୍ୱାରା ଉଚ୍ଚତା ଟିକେ ଲମ୍ବା ଦେଖାଯାଇଥାଏ ।

**ସ୍କର୍ଟ:** ଯଦି ଆପଣ ମିନି ସ୍କର୍ଟ ସହିତ ଟପ୍ସ କିମ୍ବା ଶାର୍ଟ ପିନ୍ଧିବାକୁ ପସନ୍ଦ କରୁଥାନ୍ତି, ତା'ହେଲେ ଏହା ସହିତ ମ୍ୟାଚିଂ କରି ପଏଣ୍ଟେଡ୍ ହିଲ୍ ପିନ୍ଧନ୍ତୁ, ଦେଖିବେ ଲୁକ୍ ଟିକେ ଟଲ୍ ଲାଗିବ ।

**ହାଇ ୱେଷ୍ଟ ଟ୍ରାଉଜର୍ସ:** ହାଇ ୱେଷ୍ଟ ଟ୍ରାଉଜର୍ସ ବି ହାଇଟ୍‌କୁ ଟିକେ ସୋ-ଅପ୍ କରାଇଥାଏ । ଏହା ସହିତ ମ୍ୟାଚିଂ କରି ଟି-ଶାର୍ଟ ଓ କଳା ରଙ୍ଗର ବୁଟ୍ ପିନ୍ଧିଲେ ଗୋଡ ଟିକେ ଲମ୍ବା ଜଣାପଡିବା ସହ ଆକର୍ଷଣୀୟ ଲୁକ୍ ମିଳେ ।

**ପ୍ଲାଜୋ ଓ ସିଗାରେଟ୍ ପ୍ୟାଣ୍ଟ:** ଆଙ୍କେଲ ଲେନ୍ଥ ପ୍ଲାଜୋକୁ ବି ଉଚ୍ଚତା କମ୍ ଥିବା ଯୁବତୀ ଚାହିଁଲେ ଟ୍ରାଏ କରିପାରିବେ । ସେହିପରି ସିଗାରେଟ୍ ପ୍ୟାଣ୍ଟ ସହିତ କୁର୍ତ୍ତି ପିନ୍ଧିଲେ ହାଇଟ୍ ଟିକେ ଲମ୍ବା ଦେଖାଯାଇଥାଏ ।

**କଳା ରଙ୍ଗର ଆଉଟ୍‌ଫିଟ୍:** ସ୍ଲିମ୍ ଲୁକ୍ ସାଙ୍ଗକୁ ଟଲ୍ ହାଇଟ୍ ପାଇଁ ଅନେକେ କଳା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ଉଚ୍ଚତା କମ୍ ଥିବା ଯୁବତୀ ବି ଚାହିଁଲେ ଏହି ଟିପ୍ସକୁ ମଧ୍ୟ ଅନୁକରଣ କରିପାରିବେ ।

**ଲେୟାର୍ ଆଉଟ୍‌ଫିଟ୍:** କମ୍ ଉଚ୍ଚତା ଥିବା ଯୁବତୀମାନେ ଯେତେ ସମ୍ଭବ ଲେୟାର୍ ଆଉଟ୍‌ଫିଟ୍‌ଠାରୁ ଦୂରେଇ ରହିବା ଦରକାର । କାରଣ ଏହାଦ୍ୱାରା ସେମାନଙ୍କ ଉଚ୍ଚତା ଆହୁରି କମ୍ ଦେଖାଯାଇଥାଏ ।



# ଭଲ ପୃଥିବୀର ମା'


ବିଶ୍ୱ ସାହିତ୍ୟ ଇତିହାସରେ ଦୁଇଟି ଚର୍ଚ୍ଚିତ ତଥା ବହୁ ଲୋକପ୍ରିୟ ଉପନ୍ୟାସ ହେଉଛି 'ଦି ଗୁଡ୍ ଆର୍ଥ ବା ଭଲ ପୃଥିବୀ'' ଏବଂ 'ଦି ମଦର ବା ମା'। ଏହି ଦୁଇଟି ଉପନ୍ୟାସର ସଫଳ ସ୍ରଷ୍ଟା ହେଉଛନ୍ତି ପର୍ଲ ଏସ୍. ବକ୍। ସେଥିଲାଗି ତାଙ୍କୁ ସାହିତ୍ୟ ପ୍ରେମୀମାନେ 'ଦି ମଦର ଅଫ ଦି ଗୁଡ୍ ଆର୍ଥ ବା ଭଲ ପୃଥିବୀର ମା' ବୋଲି ସମ୍ବୋଧନ କରିଥାନ୍ତି। ପର୍ଲ ହେଉଛନ୍ତି ଜଣେ ଆମେରିକୀୟ ଔପନ୍ୟାସିକା। ତେବେ ତାଙ୍କ ଜୀବନର ବହୁଭାଗ ଚାଇନାରେ ବିତିଛି। ସେ ଜଣେ ପାଦ୍ରିଙ୍କ ଝିଅ। ବାପା ପାଦ୍ରି ଭାବରେ ଚାଇନାରେ ରହୁଥିଲେ। ତାଙ୍କ ସହିତ ପର୍ଲଙ୍କୁ ମଧ୍ୟ ଚାଇନାରେ ରହିବାକୁ ହେଉଥିଲା। ଚାଇନାରେ ଥିବା ବେଳେ ସେ 'ଦି ଗୁଡ୍ ଆର୍ଥ' ରଚନା କରିଥିଲେ। ଏହା ତାଙ୍କର ସର୍ବାଧିକ ଲୋକପ୍ରିୟ ଉପନ୍ୟାସ।


**ସ୍ୱୀକୃତି ଓ ସମ୍ମାନ :** ୧୯୩୨ରେ 'ଦି ଗୁଡ୍ ଆର୍ଥ' ପାଇଁ ତାଙ୍କୁ ପୁଲିଜର ପୁରସ୍କାର ମିଳିଥିଲା। ୧୯୩୮ରେ ସାହିତ୍ୟ ପାଇଁ ତାଙ୍କୁ ବିଶ୍ୱ ସାହିତ୍ୟର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ମିଳିଲା। ସେ ଥିଲେ ଜଣେ ବାସ୍ତବବାଦୀ ଲେଖିକା। ପୁଣି ତଳଶ୍ରେଣୀର ମଣିଷ ବିଶେଷ କରି ମଜଦୁରମାନଙ୍କ ପାଇଁ ତାଙ୍କ କଲମ ଥିଲା ଖୁବ୍ ଅନ୍ତଃସ୍ରାବୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୋବେଲ ପୁରସ୍କାର ପାଇବାରେ ସେ ଥିଲେ ଆମେରିକାର ସର୍ବପ୍ରଥମ ଲେଖିକା।


**ପରିବାର :** ୧୮୯୨, ଜୁନ୍ ୨୬ ତାରିଖରେ ଆମେରିକାର ୱେଷ୍ଟ ଭର୍ଜିନିଆ ଠାରେ ତାଙ୍କର ଜନ୍ମ। ବାପାଙ୍କ ନାମ ଅବସାଲୋମ୍ ସିଣ୍ଡେଷ୍ଟ୍ରାଇକର। ମା'ଙ୍କ ନାମ କାରୋଲିନ୍ ଷ୍ଟୁଲଟିଂ। ବିବାହ ପରେ ଉଭୟ ଅବସାଲୋମ ଓ କାରୋଲିନ୍ ଚାଇନା ସ୍ଥାନାନ୍ତରିତ ହୋଇଯାଇ ଥିଲେ। ଚାଇନାରେ ଥିବା ବେଳେ ଗର୍ଭଧାରଣ କରିଥିଲେ କାରୋଲିନ୍। ପୁଣି ସନ୍ତାନ ଜନ୍ମ ଦେବା ପାଇଁ ଆମେରିକା ଫେରି ଆସିଥିଲେ। ପର୍ଲ ତାଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ତିନିମାସର ଶିଶୁକନ୍ୟା ପର୍ଲଙ୍କୁ ନେଇ ସେ ପୁଣିଥରେ ଚାଇନା ଚାଲି ଯାଇଥିଲେ।

**ଝାନ୍‌ଝିଆଙ୍ଗ୍ ଓ ପର୍ଲ :** ଚାଇନାର ଝାନ୍‌ଜିଆଙ୍ଗରେ ବଢ଼ିଥିଲେ ପର୍ଲ। ତାଙ୍କ ପାଇଁ ଏହା ଏକ ଅତି ସୁନ୍ଦର ସ୍ଥାନ ଥିଲା। ସେ ମିସ୍ ଜିୱେଲ୍ସ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ସ୍କୁଲ ସମୟରୁ ବିଦ୍ରୋହିଣୀ ଥିଲେ ପର୍ଲ। ତେବେ ବୟସ ବଢ଼ିବା ସହିତ ତାଙ୍କ ଭିତରୁ ଏ ପ୍ରକାର ବିଦ୍ରୋହୀ ମାନସିକତାର ଅବସାନ ଘଟିଥିଲା। ତାଙ୍କୁ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଭାବରେ ବିବେଚନା କରାଯାଉଥିଲା। ୧୯୧୧ରେ ସେ ଚାଇନା ଛାଡ଼ି ଆମେରିକା ଫେରିଲେ। ଉଦ୍ଦେଶ୍ୟ ଉଚ୍ଚଶିକ୍ଷା।







ଉପନ୍ୟାସର ସଫଳ ସ୍ରଷ୍ଟା ହେଉଛନ୍ତି ପର୍ଲ ଏସ୍. ବକ୍। ସେଥିଲାଗି ତାଙ୍କୁ ସାହିତ୍ୟ ପ୍ରେମୀମାନେ 'ଦି ମଦର ଅଫ ଦି ଗୁଡ୍ ଆର୍ଥ ବା ଭଲ ପୃଥିବୀର ମା' ବୋଲି ସମ୍ବୋଧନ କରିଥାନ୍ତି।

**ବିବାହ :** ୧୯୧୭ରେ ଜନ୍ ଲସିଂ ବକ୍‌ଙ୍କ ସହ ତାଙ୍କର ବିବାହ ହେଲା। ଜନ୍ ଲସିଂ କୃଷି ଅର୍ଥନୀତିଜ୍ଞ ଥିଲେ। ସେ ଓ ତାଙ୍କ ପରିବାର ଥିଲେ ମିସନାରୀ। ବିବାହ ପରେ ସେମାନେ ସୁଝୋ ଠାରେ ରହିଲେ। ସୁଝୋ ହେଉଛି ହୁଆଇ ନଦୀ କୂଳରେ ଥିବା ଏକ ଛୋଟ ମନୋରମ ଗ୍ରାମ। ଏହା ଏକ କୃଷକ ବହୁଳ ଅଞ୍ଚଳ। ଏଠାରେ ରହିବା ଫଳରେ କୃଷକମାନଙ୍କ ସହିତ ସେ ପ୍ରତ୍ୟକ୍ଷ ଭାବରେ ମିଶିଲେ ଏବଂ ସେମାନଙ୍କର ଅନୁଭବ ଅନୁଭୂତି ଜାଣିଲେ। ଏଠାରେ ସେ ରଚନା କଲେ 'ଦି ଗୁଡ୍ ଆର୍ଥ'। ୧୯୨୦ରେ ସେ ଏକ କନ୍ୟା ସନ୍ତାନର ମା' ହେଲେ।

**ଛାଡ଼ପତ୍ର :** ୧୯୩୫ରେ ପର୍ଲଙ୍କ ସାଂସାରିକ ଜୀବନରେ ଝଡ଼ ଆସେ। ସେ ସ୍ୱାମୀ ଜନ୍ ଲସିଂଙ୍କୁ ଛାଡ଼ପତ୍ର ଦିଅନ୍ତି। ସେ ରିଚାର୍ଡ ଜେ. ୱାଲସ୍‌ଙ୍କୁ ବିବାହ କରନ୍ତି। ରିଚାର୍ଡଙ୍କ ସ୍ନେହ, ପ୍ରେମ ଓ ଭଲପାଇବା ହିଁ ପର୍ଲଙ୍କୁ ଏକ ନୂଆ ଜୀବନ ଦେଇଥିଲା। ଆଉ ସେ ସାହିତ୍ୟ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି କରିପାରିଥିଲେ।

**ଚାଇନା ପ୍ରେମ :** ଆମେରିକା ତାଙ୍କର ମା' ଥିଲା। ଆଉ ଚାଇନା ଥିଲା ତାଙ୍କର ପାଳିତା ମା'। ତେଣୁ ସେ ଚାଇନା ପ୍ରତି ଅଧିକ ସମ୍ବେଦନଶୀଳ ଥିଲେ। ଚାଇନା ପ୍ରତି ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ତାଙ୍କର ଗଳ୍ପ, ଉପନ୍ୟାସରେ ଏହାର ଆଭାସ ମିଳିଥାଏ। ୧୯୭୩ ମାର୍ଚ୍ଚ ୬ ତାରିଖରେ ଏହି ପ୍ରତିଭାଧାରୀ ସାରସ୍ୱତ ସାଧିକାଙ୍କର ଦେହାନ୍ତ ଘଟିଥିଲା।

## ସମୀକ୍ଷାୟନ





### ସିନ୍ ନଂ ୬୬

ଓଡ଼ିଆ ସିନେମାର କିମ୍ବଦନ୍ତୀ ପୁରୁଷ ଗୌରପ୍ରସାଦ ଘୋଷ। ବହୁ ଲୋକପ୍ରିୟ ସିନେମାର ସେ ହେଉଛନ୍ତି ନିର୍ମାତା, ନିର୍ଦ୍ଦେଶକ ପୁଣି ନାୟକ। ଓଡ଼ିଆ ସିନେମାକୁ ଜାତୀୟ ସ୍ତରରେ ପରିଚିତ କରିବାରେ ଯେଉଁ କେତେଜଣ ଯୋଗଜନ୍ମା ପୁରୁଷଙ୍କ ଅତ୍ୟନ୍ତ ବଳିଷ୍ଠ ଭୂମିକା ରହିଛି ସେମାନଙ୍କ ମଧ୍ୟରେ ଗୌର ଘୋଷ ହେଉଛନ୍ତି ଅନ୍ୟତମ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ତଥା ଅଗଣିତ ଓଡ଼ିଆ ସିନେପ୍ରେମୀଙ୍କ ନିକଟରେ ତାଙ୍କର ସ୍ମୃତିକୁ ପୁନଶ୍ଚ ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରକାଶ ପାଇଛି ପୁସ୍ତକ 'ସିନ୍ ନଂ ୬୬'। ଏଥିରେ ଗୌର ପ୍ରସାଦ ଘୋଷଙ୍କ ସମ୍ବନ୍ଧରେ ତଥ୍ୟ ଓ ସୂଚନା ରହିବା ସହିତ ବହୁ ଦୁର୍ଲଭ ଫଟୋଚିତ୍ର ତଥା ଚିଠି ସ୍ଥାନ ପାଇଛି। ସେହିଭଳି ଓତପ୍ରୋତ ଭାବରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଘୋଷଙ୍କୁ ନେଇ ସ୍ମୃତିଚାରଣ କରିଛନ୍ତି।

### ନାରୀ ମୁଁ ସର୍ବଂସହା

ଗୌର ପ୍ରସାଦ ଘୋଷଙ୍କ ପରି ସ୍ୱର୍ଗତା ପାର୍ବତୀ ଘୋଷ ମଧ୍ୟ ଓଡ଼ିଆ ସିନେମା ଶିଳ୍ପର ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ। ସେ ଏକାଧାରରେ ଥିଲେ ଜଣେ ନାୟିକା, ନିର୍ଦ୍ଦେଶିକା, ପ୍ରଯୋଜିକା ଏବଂ କାହାଣୀ ଲେଖିକା। କା', ସ୍ତ୍ରୀ, ସଂସାର ଆଦି ତାଙ୍କ ଅଭିନେତ୍ରୀ ଜୀବନର ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ। ଓଡ଼ିଆ ସିନେମାରେ ପରୀକ୍ଷା ନିରୀକ୍ଷା କରିବାରେ ସେ ଥିଲେ ଜଣେ ସଫଳ ବିନ୍ଧାଣି। ପାର୍ବତୀ ଘୋଷଙ୍କ ସ୍ମୃତି ସୁରକ୍ଷା ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଛି ପୁସ୍ତକ 'ନାରୀ ମୁଁ ସର୍ବଂସହା'। ଏଥିରେ ସ୍ୱର୍ଗତା ଘୋଷଙ୍କର ବହୁ ଚିଠି, ଦୁର୍ଲଭ ଫଟୋଚିତ୍ର, ମେସେଜ୍ ତଥା ତାଙ୍କର ଫିଲ୍ମୋଗ୍ରାଫି ଓ ଆୱାର୍ଡ ସମ୍ପର୍କରେ ବହୁ ତଥ୍ୟ ରହିଛି। ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ମତାମତ ମଧ୍ୟ ଏଥିରେ ସ୍ଥାନିତ ହୋଇଛି।



# ଚିତ୍ରପଟ୍ଟ

**– ବାବାଜୀ ଚରଣ ଜେନା**

ଆଙ୍କୁଥାଏ ଯେବେ ତୁମରି ଛବିକୁ
ଭାବନାରେ ଭିଜି ଯାଇ
ହସିଦେଇ ଟିକେ ଚାଲିଯାଅ ତୁମେ
ଆମ ଘର ଛକ ଦେଇ ।।୦।।
ଚାହୁଁଥାଏ କେବେ ନୀଳ ଆକାଶକୁ
ହାତରେ ତୂଳୀ ଧରି
ଖୋଜୁଥାଏ ପୁଣି ଅଫେରା ଅତୀତ
ସ୍ମୃତିରେ ତ ଜଳିଜଳି
ସୀମାରେଖା କେବେ ଲମ୍ବା ହୋଇଯାଏ
ମନ ଚହଲାଇ ଦେଇ ।।୧।।
ତୁମ ଚିତ୍ରପଟ୍ଟ ଆଙ୍କିଛି ଯେତେ ମୁଁ
କାନ୍‌ଭାସ ପାଖେ ରଖି
ଦୂରେଇ ଯାଇଛ ସେତେଥର ତୁମେ
ଏ ଆଖିକୁ ମୋର ଠକି
ମୁଁ ଖୋଜୁଛି ତମେ ଲୁଚି ଯାଉଅଛ
ଆନମନା କରିଦେଇ ।।୨।।

– ଅହଲ୍ୟା ନିବାସ, ପୋପରଡ଼ା
ନୂଆବଜାର, କଟକ



# ବାପା ଓ ଖରା

**– ସୁଷମା ଦାଶ**

ମୋ ଛାତିର ସ୍ପନ୍ଦନ ଖୁବ୍ ଦ୍ରୁତ ଭାବେ ଦୌଡୁଥିଲା । ଗୋଟିଏ ଭୟଙ୍କର ଝଡ଼ ବହି ଯାଉଥିଲା ମୋ ଭିତରେ । ହଠାତ ଉପରୁ ଉଠାଇ ତଳେ କଚାଡ଼ି ଦେବାର ଭୟାର୍ତ୍ତ ଅନୁଭବ ପରି ।

ବୃଦ୍ଧାଶ୍ରମ ! କେଉଁଠି ? କେଉଁଦିନ ? କାହିଁକି ?

ମୋ ପାଟିରୁ ବାହାରିଗଲା ଅଚାନକ । ମୁଁ ଭାଇକୁ ଫୋନ୍‌କଲି । ସେପଟରୁ ଫୋନ୍ ବନ୍ଦ ହେବାର ସୂଚନା ଥିଲା ।

ବାପା କେଉଁଠି ?

ଗୋଟିଏ ଭଙ୍ଗା ଉଚ୍ଚା ପାଚେରି, ପୁରୁଣା ଲୁହାର କଳଙ୍କିଲଗା ଫାଟକ ପାରି ହୋଇ ଭିତରକୁ ଗଲି । ବିରାଟ ଏକ ବରଗଛ । ତା'ର ଲମ୍ବିଥିବା ଓହଳ ସବୁ ଗୋଟିଏ ଗୋଟିଏ ଗଛରେ ପରିଣତ ହୋଇ ଅନେକ ଜାଗା ମାଡ଼ି ବସିଥିଲେ ।

ଆଖି ଲମ୍ବିଗଲା ଆଗକୁ ଟିକେ । ରଙ୍ଗଛଡ଼ା, ଅପରିଷ୍କାର ଘରଟିଏ । ଦୀର୍ଘଶ୍ୱାସ ବାହାରି ଆସିଲା । ବିଶ୍ୱାସ ହେଲାନି ଏଭଳି ଜାଗାରେ ମୋ ବାପା । ଜୀର୍ଣ୍ଣଶୀର୍ଣ୍ଣ କୋଠାଟି କେତେବେଳେ ଗଳିପଡ଼ିବ !

ଏକ ନାଁ ଅଜଣା ଶୀତଳତା ମୋତେ କାବୁ କରିନେଲା ।

ପାଖକୁ ଲାଗି ଫୁଲଗଛ ଭରା ବଗିଚାଟିଏ । ବାପା ବସିଥିଲେ ସେଇଠି ପଥରର ମୂର୍ତ୍ତିଟିଏ ପରି । ଆଖିରେ ଆଖିଏ ଅବୁଝାପଣ ନେଇ ମୋତେ ଚାହିଁ ରହିଲେ । ସେ ଚାହାଣି ବାରମ୍ବାର ମୋତେ ବିଦ୍ଧ କରୁଥିଲା ।

ମୁଁ ତାକୁ ସାନ୍ତ୍ୱନା ଦେଇ କହିଲି – ଚାଲ ବାପା, ମୁଁ ଆସିଛି ପରା ।

ଆଶାର କ୍ଷୀଣ ଆଲୋକଟିଏ ତାଙ୍କ ଆଖିରେ ଉଚ୍ଛୁଳି ଉଠିଲା । ବିଶ୍ୱାସ ହେଉ ନ ଥିଲା ଯେଉଁ ବାପା ସଞ୍ଚିତ ସବୁତକ ସମ୍ପତ୍ତି ପୁଅର ପାଠପଢ଼ାରେ ଖର୍ଚ୍ଚ କରିଦେଇଥିଲେ ଆଜି ତାଙ୍କ ଉଚ୍ଚପଦସ୍ଥ ପୁଅ କାହିଁକି ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ପଳାଇଲା ।

ମୋ କାନ୍ଧରେ ଭାରାଦେଇ ସେ ଚାଲୁଥିଲେ ଧୀରେଧୀରେ । ଅନେକ ଦିନ ତଳେ ବାପା କହୁଥିବା କଥାଟିଏ ମୋର ମନେ ପଡ଼ିଗଲା– ସଜନା ଡାଳ ଯାହା ଏଇ ଝିଅଗୁଡ଼ାକ ବି ସେଇଆ ।

ବରଗଛର ଶୀତଳ ଛାଇକୁ ଅତିକ୍ରମୀ ଆମେ ଦୁହେଁ ଚାଲୁଥିଲୁ ଖରାରେ ଫାଟକ ଆଡ଼କୁ । ବାପାଙ୍କ ଆଖି ତଥାପି ଝାଉଁଳି ପଡ଼ିଥିବା ଫୁଲଙ୍କ ଉପରେ ଥିଲା । ଧୀରେଧୀରେ କହୁଥିଲେ– ଆଜିକାଲି ଖରାଟା ଭାରି ବାଧୁଛିରେ ମା' । ସହି ହଉନି ଆଗପରି । ଚାଲ, ଜଲଦି ଘରକୁ ଯିବା ।

ହଁ, ସତରେ ବାହାରେ ବହୁତ ଟାଣଖରା ଥିଲା ସେଦିନ ।

– ବନ୍ଧାଲୋ, ମଞ୍ଜୁରିରୋଡ଼, ଭଦ୍ରକ

# କେହି ମୋ ମନକୁ ହତ୍ୟାକର...

**– ହିମାଂଶୁ ସାମଲ (ହେମି)**

କେହି ମୋ ମନକୁ ହତ୍ୟାକର
ଏଥିରେ ଦୋଷ ହେବନାହିଁ କାହାର...
କାରଣ
ଫେରୁଥିବା ଶ୍ରାବଣର ଫିକା ଛାଇରେ
ଅକସ୍ମାତ୍ ଫଗୁଣର ପ୍ରେମସିକ୍ତ
ମୁରୁକି ହସ ଦେଖି
ସେ ମୋ ହୃଦୟକୁ କରି ଯାଇଛି
ସାତପରଠୁ ଆହୁରି ପର,
ଯଦି ସେ ମନଟା ପୁଣି ଥରେ
'ବିଚରା ହବା' କି ମୃତ୍ୟୁ ଭୟରେ
ଆଶ୍ରିତ ହୁଏ କାହା ଓଢ଼ଣିର କି ଓଢ଼ଣାର...,
ତା'ହେଲେ ଅକ୍ଷମଣୀୟ ପାପ ଭୟରେ
ହୃଦୟଟା ପ୍ରାୟଶ୍ଚିତ କରିବାର ସୁଯୋଗଠୁ
ବଞ୍ଚିତ ହେଇଯିବ ଅନନ୍ତକୋଟି ଜନ୍ମଯାଏ...
କାରଣ
ଛଳନା ଧୋକା ଆଉ ପ୍ରତାରଣା ଶବ୍ଦର
 କଟୁକ୍ତିକୁ
ସହିବାର ଧୈର୍ଯ୍ୟ ନାହିଁ ବୟସର
ତେଣୁ
ଦୟାକରି କେହି ମୋ ମନକୁ ହତ୍ୟାକର
ଏଥିରେ ଜମା ଦୋଷ ହବ ନାହିଁ କାହାର...

– ସି.ଡି.ଏ., ସେକ୍ଟର – ୯, କଟକ

# ମହୁଲ ଫୁଲର ଲୁହ

**– ରଶ୍ମି ମହାପାତ୍ର**

ମହୁଲ ଫୁଲ ବାସ୍ନାରେ ମହକି ଯାଉଥିଲୁ
ଗଭାରେ ଖୋଷି ଦଉଥିଲୁ
ପେଛିପେଛି ସଜଫୁଟା କୁରେଇ ଫୁଲ
କେତେ ସ୍ୱପ୍ନ ଆଙ୍କୁଥିଲୁ
ତାରା ଜହ୍ନର ଆକାଶରେ ।
ଏମିତି କାହିଁକି ହେଲା
ରକ୍ଷକ ପୋଷାକ ତଳେ ଭକ୍ଷକ ଆସିଲା
କାହାର ଭରସା କହ ତ !
କାହିଁକି ପୁନରାବୃତ୍ତି ହଉଛି
ଏମିତି ଅବାଞ୍ଛିତ ଅଘଟଣ
ନିର୍ଭୟା ଇତିଶ୍ରୀର ଭାଗ୍ୟ ନେଇ
ଝିଅଟିଏ ଆସେ କାହିଁକି
ନିରାପତ୍ତା ତା' ପାଇଁ କ'ଣ ନିଷିଦ୍ଧ ଫଗୁଣ ?
ଅଘଟଣ ଘଟିଗଲେ ବସିଯାଏ ତଦନ୍ତ କମିଶନ
ବ୍ୟସ୍ତ ବିବ୍ରତ ତତ୍ପର ପ୍ରଶାସନ
ଦୀର୍ଘ ମିଆଦି ସୂତ୍ରରେ
ବଳିଷ୍ଠ ପ୍ରମାଣର ଅଭାବରେ
ଦିସ୍ତା ଦିସ୍ତା ଦଲିଲରେ ପଡ଼ିଯାଏ ଅଡୁଆ ଗଣ୍ଠି
ଯାହାକି ଆଉ କେବେ ବି ଖୋଲେନି ।
ଇଏ କ'ଣ ଭାଗ୍ୟ ଭବିଷ୍ୟତ
ସମାଧାନର ସରଳ ସୂତ୍ର
ନାରୀ ସଶକ୍ତୀକରଣର ଇଏ କ'ଣ
ଚିରି ଯାଉଥିବା ଚିତ୍ର ?
ମିଛ ସାନ୍ତ୍ୱନା ସମବେଦନାରେ
ଶୁଖିଗଲା ତୋ ଆଖିର ଲୁହ
ଆତ୍ମଗ୍ଲାନିରେ ବାଛିନେଲୁ ଯେଉଁ ରାସ୍ତା
ସିଏ କ'ଣ ତୋର ପ୍ରାରବ୍ଧର ପ୍ରତିଶ୍ରୁତି ?
ଋତୁ ପରେ ଋତୁ ଆସିବ
କିଏ ଗୋଟେଇ ଆଣି ଅଣ୍ଟିରେ ଭରିଦବ
ମୁଠାମୁଠା ମହୁଲ ଫୁଲ
ତୋ ପରି କୁଆଁରିମାନଙ୍କ
ହାତ ପାପୁଲିରେ କ'ଣ ଲେଖାଥାଏ
ଅଜଣା ଅଭିଶାପର ଅବୋଧ ଅକ୍ଷର ?

– କୁଞ୍ଜକାନ୍ତ, ଢେଙ୍କାନାଳ



ତାରା



ସଲ୍ମାନ୍-କ୍ୟାଟ୍ରିନା

## କ୍ୟାଟ୍ରିନା ହିଁ ଫିଟ୍

ସଲମାନ-କ୍ୟାଟ୍ରିନା ଯୋଡ଼ି ବଲିଉଡ୍‌ରେ ନୂଆ ନୁହେଁ। କେବଳ ରିଲ୍ ନୁହେଁ, ସେମାନଙ୍କର ରିୟଲ ଲାଇଫକୁ ନେଇ ଅନେକ ଚର୍ଚ୍ଚା ହୋଇଛି। ଏପରି କି ଏହି ଯୋଡି କୁଆଡେ ଘର ସଂସାର କରିବେ ବୋଲି ଆଲୋଚନା ହୋଇଥିଲା। ନିକଟରେ ନିଜ ପରଫେକ୍ଟ ଯୋଡ଼ିକୁ ନେଇ ମୁହଁ ଖୋଲିଛନ୍ତି ସଲ୍ଲୁ ମିଆଁ। ସେ କହିଛନ୍ତି, ମୋତେ କ୍ୟାଟ୍ରିନାଙ୍କ ସହ କେବଳ ଆକ୍ଟିଂ ନୁହେଁ, ଡ୍ୟାନ୍ସ କରିବାକୁ ବେଶ୍ କମ୍ଫର୍ଟ ଲାଗିଥାଏ। ନିକଟରେ 'ଭାରତ' ଫିଲ୍ମର ଏକ ଗୀତର ପିକ୍ଚରାଇଜେଶନ ଚାଲିଥାଏ। ଏଥିରେ ତାଙ୍କର ଡ୍ୟାନ୍ସ ଦେଖି ମୁଁ ଚକିତ ହୋଇଯାଇଥିଲି। ସେପଟେ ଏସବୁ କଥା ଶୁଣିବା ପରେ କ୍ୟାଟ୍ରିନା କହିଛନ୍ତି ଯେ, ସଲମାନ ହେଉଛନ୍ତି ମୋ ରୋଲ୍ ମଡେଲ। ତାଙ୍କଠାରୁ ମୁଁ ଆକ୍ଟିଂ ବିଷୟରେ ଅନେକ କଥା ଶିଖିଛି। ଅଲ୍ଲୀ ଆବାସ ଜାଫରଙ୍କ ନିର୍ଦ୍ଦେଶିତ 'ଭାରତ'ରେ ସଲମାନ-କ୍ୟାଟ୍ରିନାଙ୍କ ବ୍ୟତୀତ ତବୁ, ଦିଶା ପଟାନି ଏବଂ ସୁନୀଲ ଗ୍ରୋଭର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ଶୁଟିଂ ଭାରତର ବିଭିନ୍ନ ସ୍ଥାନରେ ପୂରା ଦମ୍‌ରେ ଚାଲୁ ରହିଛି।



ସୋନମ୍

## ଘର ସଜାଇବାରେ ମନ

ସୋନମ କପୁର ଏବେ ଗୋଟିଏ କାମରେ ବ୍ୟସ୍ତ। ପୁଣି ସେଥିପାଇଁ ସେ ସ୍ପେଶାଲ ସମୟ ବାହାର କରୁଛନ୍ତି। କାମଟା ଏମିତି କ'ଣ କି ଯେଉଁଥିପାଇଁ ସେ ପୂରା ବ୍ୟସ୍ତ। ତାହା ହେଲା ଘରସଜ୍ଜା। ନିଜ ଘରକୁ ସେ ନୂଆ ରୂପ ଦେବାରେ ଲାଗିପଡିଛନ୍ତି। ଘରର ଇଣ୍ଟେରିୟର ଡିଜାଇନଠାରୁ ଆରମ୍ଭକରି କଲରିଂ, ଫର୍ନିଚରକୁ ସେ ଏହି ଲିଷ୍ଟରେ ରଖିଛନ୍ତି। ପୁଣି ଘରର ସାଜସଜ୍ଜା ପାଇଁ ସେ ଜଣେ ଫରେନ୍ ଇଣ୍ଟେରିୟର ଏକ୍ସପର୍ଟଙ୍କୁ ଦାୟିତ୍ୱ ଦେଇଛନ୍ତି। ହେଲେ ହଠାତ୍ ଏମିତି କ'ଣ ହେଲା ଯେ ଘର ସଜାଇବା ପାଇଁ ସେ ମନ ବଳାଇଛନ୍ତି। ନିକଟରେ ସେ ପ୍ରଯୋଜକ-କମ୍-ନିର୍ଦ୍ଦେଶକ କରନ୍ ଜୋହରଙ୍କୁ ତାଙ୍କ ଘରକୁ ଡିନର ପାଇଁ ଡାକିଥିଲେ। ଡିନର ପରେ କରନ କହିଥିଲେ, 'ଆଚ୍ଛା ସୋନମ୍, ତୁମେ ଏ ଘରକୁ କାହିଁକି ନ୍ୟୁ ଟଚ୍ ଦେଉନ ?' ବାସ୍, ତା'ପରେ ପାଖରେ ଠିଆ ହୋଇଥିବା ସୋନମଙ୍କ ପତି ଆନନ୍ଦ ଆହୁଜା କଥାଟିକୁ ଗ୍ରହଣ କରିବା ସହ ଖୁବ୍ ଶୀଘ୍ର ଏହା କରାଯିବ ବୋଲି ଉତ୍ତର ଦେଇଥିଲେ। ଆଉ ତା'ପରେ ସୋନମ ପୂରା ଦମ୍‌ରେ ଏଥିପାଇଁ ଲାଗିପଡିଛନ୍ତି।

## ହଟ୍ ସିଟ୍‌ରେ ବସିବେ ଶ୍ରୀ ରେଡ୍ଡି

ତେଲୁଗୁ ଅଭିନେତ୍ରୀ ଶ୍ରୀ ରେଡ୍ଡି ଖୁବ୍ ଶୀଘ୍ର ହଟ୍ ସିଟ୍‌ରେ ବସିବେ। ଅନ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ କାମ କରିବା ପରେ ସେ ନିଜେ ଏଭଳି ଗୁରୁଦାୟିତ୍ୱ ନେବାକୁ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ଏହାବ୍ୟତୀତ ଉକ୍ତ ଫିଲ୍ମର ପ୍ରଯୋଜନା ମଧ୍ୟ ନିଜେ କରିବେ। ତେଣୁ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସିନେମା ଜଗତରେ ଚାଲିଥିବା କାଷ୍ଟିଂ କାଉଚ୍‌କୁ ଆଧାରକରି ଏହି ଫିଲ୍ମଟି ନିର୍ମିତ ହେବ। କାହାଣୀକୁ କିପରି ସବୁ ଦିଗରୁ ଆକର୍ଷଣୀୟ କରାଯାଇପାରିବ ସେଥିପାଇଁ ସେ ଦିନରାତିକୁ ଏକାଠି କରିଦେଇଛନ୍ତି। କେବଳ ସେତିକି ନୁହେଁ, ଏଥିରେ ଜଣେ ନାୟିକାଙ୍କ ଜୀବନୀର ଝଲକ ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛନ୍ତି ଶ୍ରୀ ରେଡ୍ଡି। ସେ କହନ୍ତି, 'କାଷ୍ଟିଂ କାଉଚ୍ ପରି ଏକ ସେନସେସନାଲ ବିଷୟକୁ ନେଇ ଫିଲ୍ମଟିଏ ନିର୍ମାଣ କରିବା ଛୋଟ କଥା ନୁହେଁ। ତଥାପି ଏପରି ଏକ ବିଷୟକୁ ନେଇ ଫିଲ୍ମଟିଏ ପ୍ରସ୍ତୁତ କରିବାକୁ ଯାଉଛି। ତା'ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେବି। ତେଣୁ ସବୁ ଦିଗ ପ୍ରତି ନଜର ଦେବାକୁ ପଡିବ। ଫିଲ୍ମଟିକୁ ଦର୍ଶକ ଗ୍ରହଣ କଲେ ହିଁ ମୋର ପରିଶ୍ରମ ସଫଳ ହେଲା ବୋଲି ଜାଣିବି।'

## ତାରାଙ୍କ ନୂଆ ପ୍ରେମିକ

ନବାଗତା ତାରା ସୁଟାରିଆ। ସେ ଏବେ ପ୍ରେମରେ ପଡିଯାଇଛନ୍ତି। ଆଉ ତାଙ୍କ ପ୍ରେମ ବଲ୍‌ରେ କିଏ ବୋଲ୍ଡ ହୋଇଛନ୍ତି ଜାଣନ୍ତି ? ଷ୍ଟାର କିଡ୍ ଏବଂ ବର୍ତ୍ତମାନର ବଲିଉଡ୍‌ର ୟଙ୍ଗ୍ ସେନସେଶନ ଟାଇଗର ଶ୍ରଫ। ଅର୍ଥାତ୍, ଦୁହିଁଙ୍କ ପ୍ରେମ ଏତେ ନିବିଡ଼ ଯେ ସେଥିରେ କୁଆଡେ ପାଣି ଗଳୁନାହିଁ। କଥା କ'ଣ କି କରନ୍ ଜୋହରଙ୍କ ସିକୁଏଲ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ଟାଇଗରଙ୍କ ନାୟିକା ସାଜିଛନ୍ତି ତାରା। ଅନ୍ୟପକ୍ଷରେ ଏଥିରେ ଚଙ୍କି ପାଣ୍ଡେଙ୍କ ଝିଅ ଅନନ୍ୟା ମଧ୍ୟ ଡେବ୍ୟୁ କରୁଛନ୍ତି। କିନ୍ତୁ ଶୁଟିଂ ସମୟରେ ଟାଇଗରଙ୍କ ପଛରେ କୁଆଡେ ତାରା ପଡିଯାଇଥିଲେ। ଆଉ ଏବେ ଦୁହିଁଙ୍କ ହଟ୍ ଆଫେୟାର୍ସକୁ ନେଇ ଚର୍ଚ୍ଚା ଦିନକୁ ଦିନ ବଢ଼ିଚାଲିଛି। ହେଲେ ଏକଥାକୁ ନେଇ କେବଳ ଟାଇଗର ନୁହନ୍ତି ତାରା ମଧ୍ୟ ନୀରବ ରହୁଛନ୍ତି। ତେବେ ଆମେ କ'ଣ ଏଇଆ ଜାଣିନେବା ଯେ ମୌନେ ସମ୍ମତି ଲକ୍ଷଣମ୍ !

## ଆଲିଆ-ରଣବୀର ବାହାଘର !

ମହେଶ ତନୟା ଆଲିଆ ଭଟ୍ଟ ଏବଂ ରଣବୀର କପୁରଙ୍କ ପ୍ରେମରେ ନୂଆ ଟ୍ୱିଷ୍ଟ। ଏପଟେ ଦୁହେଁ ତ ପ୍ରେମରେ ମସ୍‌ଗୁଲ, ପୁଣି ଏହି ଲଭ୍‌କୁ ମହେଶ ଭଟ୍ଟ ଗ୍ରୀନ୍ ସିଗ୍‌ନାଲ ଦେଇସାରିଛନ୍ତି। ହେଲେ ଜାଣିଛନ୍ତି ହାତକୁ ଦି' ହାତ ହେବାକୁ ଏହି ହଟ୍ ଯୋଡି ଆଉ ଡେରି କରିବେ ନାହିଁ। ଶୁଭସ୍ୟ ଶୀଘ୍ରମ। ତେଣୁ ଯେମିତି ହେଉ ଆସନ୍ତାବର୍ଷ ବାହା ହେବାକୁ ଦୁହେଁ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି ବୋଲି ଆଲୋଚନା ହେଉଛି। ନିକଟରେ ମହେଶ କହୁ କହୁ ଏକଥାକୁ ପରୋକ୍ଷରେ ସ୍ୱୀକାର କରିଥିଲେ। 'ମୋ ପିଲାଙ୍କ ପ୍ରାଇଭେଟ ଲାଇଫରେ ମୁଁ ଆଦୌ ହସ୍ତକ୍ଷେପ କରିବାକୁ ଚାହୁଁନି। କାରଣ ନିଜ ବିଷୟରେ ଡିସିସନ ନେବାର ଶକ୍ତି ସେମାନଙ୍କଠାରେ ରହିଛି। ଆଲିଆ କାହାକୁ ବାହାହେବ ଏବଂ କେତେବେଳେ ବାହାହେବ ତାହା ସମ୍ପୂର୍ଣ୍ଣ ଭାବରେ ତା' ଉପରେ ନିର୍ଭରକରେ। ମୁଁ ଆଲିଆର ପସନ୍ଦକୁ ସମ୍ମାନ କରୁଛି। ଯଦି ସେ ଚାହେଁ ଆସନ୍ତା ବର୍ଷ ମ୍ୟାରେଜ କରିପାରେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କହିଛନ୍ତି ମହେଶ।



ଶ୍ରୀ ରେଡ୍ଡି



ରଣବୀର-ଆଲିଆ

## ଇସ୍କ ପୁଣି ଥରେ

ଥରେ ମନେପକାନ୍ତୁ ନା ଏକ ଭାବପ୍ରବଣ ପ୍ରେମ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ' କୁ ! ଏହି ଫିଲ୍ମରୁ ନିଜର ବଡ ପରଦା ଜୀବନ ଆରମ୍ଭ କରିଥିଲେ ବର୍ତ୍ତମାନ ଅନ୍ୟତମ ବ୍ୟସ୍ତ ନାୟିକା ଏଲିନା ସାମନ୍ତରାୟ। ତରଙ୍ଗ ଚ୍ୟାନେଲ ପକ୍ଷରୁ ହୋଇଥିବା ନାୟିକା ଖୋଜା ରିଆଲିଟି ଶୋ' 'କିଏ ହେବ ମୋ ହିରୋଇନ୍'ର ବିଜେତା ହୋଇଥିଲେ ସେ। ଅପରପକ୍ଷରେ ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ପ୍ରଥମ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ'ର ନାୟିକା ହେବାର ସୁଯୋଗ ଏଲିନାଙ୍କୁ ମିଳିଥିଲା। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ନାୟକ ଭୂମିକାରେ ଅଭିନୟ କରିଥିଲେ ଅରିନ୍ଦମ। ଏମିତି ସଂଯୋଗ ଅରିନ୍ଦମ-ଏଲିନା ଯୋଡ଼ି ପୁଣି ଥରେ ଏକାଠି ହୋଇଛନ୍ତି। ଅର୍ଥାତ୍, ଅରିନ୍ଦମଙ୍କ ହୋମ ବ୍ୟାନର ରତ୍ନା ଫିଲ୍ମସ ଏବଂ ତରଙ୍ଗ ସିନେ ପ୍ରଡକ୍ସନର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ଇସ୍କ ପୁଣି ଥରେ'। ଜ୍ୟୋତି ଦାସ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏ ସମ୍ପର୍କରେ ଅରିନ୍ଦମ କହନ୍ତି, "ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାରକରି ଫିଲ୍ମଟି ନିର୍ମିତ ହେଉଛି। କେବଳ କାହାଣୀ କିମ୍ବା ଉପସ୍ଥାପନା ନୁହେଁ, ଗୀତ ଉପରେ ସମାନ ଗୁରୁତ୍ୱ ଦିଆଯାଇଛି।" ଫିଲ୍ମଟି ଚଳିତବର୍ଷ ଗଣେଶପୂଜା ଅବସରରେ ମୁକ୍ତିଲାଭ କରିବା ଯୋଜନା ରହିଛି।

ଏଲିନା



## ପ୍ରଥମ ରୋଜଗାର

# ଖୁସିରେ ମିଠା କିଣି ନେଇଥିଲି

ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ମେଜର **କ୍ଷୀରୋଦ ପ୍ରସାଦ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଅବିଭକ୍ତ କଟକ ଜିଲାର ପାଟକୁରା ଥାନା ଅନ୍ତର୍ଗତ ନାଗଣପୁର ଗାଁରେ ଘର ହୋଇଥିଲେ ହେଁ ମୋର ଜନ୍ମ କେନ୍ଦୁଝର ଜିଲାର ଘଟଗାଁରେ । କାରଣ ମୋ ବାପା ସେଠାରେ ଚାକିରି କରୁଥିଲେ । ଆମେ ୫ ଭାଇଭଉଣୀ ଥିଲୁ । ମୁଁ ଯେତେବେଳେ ତୃତୀୟ ଶ୍ରେଣୀରେ ପଢୁଥିଲି, ବାପାଙ୍କର ଦେହାନ୍ତ ହେଲା । ବଡ଼ବାପା ଓ ଦାଦା ଆମମାନଙ୍କର ସବୁ ଦାୟିତ୍ୱ ନେଇଥିଲେ । ଏମିତିରେ ନୀଳଗିରିସ୍ଥିତ କୈଳାସ ଚନ୍ଦ୍ର ବିଦ୍ୟାପୀଠରୁ ୧୯୫୪ ମସିହାରେ ଏକାଦଶ ପାସ୍ କରିବା ପରେ କଟକ ଖ୍ରୀଷ୍ଟ କଲେଜରେ ଆଇଏ ପଢ଼ିଥିଲି । ତା'ପରେ ରେଭେନ୍ସାରେ ବିଏ ଓ ଏମ୍ଏ (ରାଜନୀତି ବିଜ୍ଞାନ) କଲି । ଏମ୍ଏର ରେଜଲ୍ଟ ବାହାରି ନ ଥାଏ ସେକ୍ରେଟାରିଏଟ୍‌ରେ ଆସିଷ୍ଟାଣ୍ଟ ପୋଷ୍ଟରେ ଚାକିରି ପାଇଲି । ଏଠାରେ ଯେଉଁ ଦରମା ମିଳିଲା ସେଥିରେ ମିଠା କିଣି ଗାଁକୁ ନେଇଥିଲି । ପ୍ରାୟ ୩/୪ ମାସ ସେକ୍ରେଟାରିଏଟ୍‌ରେ କାମ କରିବା ପରେ ଏମ୍ଏ ରେଜଲ୍ଟ ବାହାରିଲା । ତା'ପରେ ଜଗତ୍‌ସିଂହପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ପାଇଲି । କିନ୍ତୁ ସେଠାରେ ମନ ନ ଲାଗିବାରୁ ଯେଉଁଦିନ ଜଏନ୍ କଲି ସେହିଦିନ ହିଁ ଚାକିରିରୁ ରିଜାଇନ୍ ଦେଇଦେଲି । ଏହାପରେ ୧୯୬୧ ମସିହାରେ ଖୋର୍ଦ୍ଧା କଲେଜ(ଏବେ ଏହା ପ୍ରାଣନାଥ କଲେଜ ଭାବେ ଜଣାଶୁଣା)ରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ଯୋଗଦେଲି । ଏହି କଲେଜରେ ପାଖାପାଖି ୨୭ ବର୍ଷ କାମ କଲି । ତା'ଭିତରେ ଅଧ୍ୟାପକରୁ ପ୍ରାଧ୍ୟାପକ ଏବଂ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ଭାବେ ପ୍ରମୋଶନ ପାଇଲି । ୧୯୮୮ରେ ନିରାକାରପୁର କଲେଜକୁ ପ୍ରିନ୍ସିପାଲ ହୋଇ ଗଲି । ୩ବର୍ଷ ପରେ ପୁଣି ବାଙ୍କୀ କଲେଜକୁ ପ୍ରିନ୍ସିପାଲ ଭାବେ ମୋର ବଦଳି ହେଲା । ଏଠି ବି ୩ ବର୍ଷ ରହିଲି । ତା'ପରେ ପ୍ରାଣନାଥ କଲେଜକୁ ପ୍ରିନ୍ସିପାଲ ହୋଇ ଆସି ୧୯୯୮ରେ ଚାକିରିରୁ ଅବସର ନେଇଥିଲି । ଅବସର ନେବା ପରେ ସେତେବେଳର ଉଚ୍ଚଶିକ୍ଷା ମନ୍ତ୍ରୀ ମୋତେ ପୁଣି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଗଠନ ପାଇଁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟିର ଦାୟିତ୍ୱ ଦେଲେ । ସେହି ସମୟରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାକୁ ନେଇ ଏହି ବିଶ୍ୱବିଦ୍ୟାଳୟଟି ଗଠିତ ହେବାକୁ ଯାଉଥିଲା । କିନ୍ତୁ ପରେ ବିଶ୍ୱବିଦ୍ୟାଳୟଟି ଦୁଇ ଭାଗ ହୋଇଗଲା । ବାଲେଶ୍ୱର ଓ ଭଦ୍ରକ ଜିଲାକୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ନେଇ ହେଲା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଯାହା ଏବେ ବାରିପଦାରେ ଅବସ୍ଥିତ । ବିଭାଜନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ନେଇ ଗଠିତ ହୋଇଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ମୋତେ ପୁଣି ଦାୟିତ୍ୱ ଦିଆଗଲା । ପ୍ରାୟ ଦେଢ ବର୍ଷ ଏଥିରେ କାମ କରି ୨୦୦୨ରେ ଦାୟିତ୍ୱ ମୁକ୍ତ ହୋଇଥିଲି । ଏ ତ ଥିଲା ମୋ ଚାକିରି ଜୀବନ କଥା । ଅଧ୍ୟାପନା ବ୍ୟତୀତ ଚାକିରିକାଳ ସମୟରେ ମୁଁ ଜଣେ ଭଲ ଏନ୍‌ସିସି ଅଫିସର ମଧ୍ୟ ଥିଲି । ଏଥିପାଇଁ ମୋତେ ମେଜର ଉପାଧି ମିଳିବା ସହ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ବି ମିଳିସାରିଛି । ତା'ସାଙ୍ଗକୁ ଖୋର୍ଦ୍ଧା ମହିଳା କଲେଜର ଜଣେ ଫାଉଣ୍ଡର ମେମ୍ବର ହେବା ସହିତ ରୋଟାରି କ୍ଲବ୍‌ର ଜଣେ କର୍ମକର୍ତ୍ତା ମଧ୍ୟ ଥିଲି । ମହାପୁରୁଷମାନଙ୍କ ଜୀବନୀ, କ୍ଷୁଦ୍ରଗଳ୍ପ ସହିତ ବିଭିନ୍ନ ବିଷୟକୁ ନେଇ ସ୍ତମ୍ଭ ଲେଖିବାରେ ବି ରୁଚି ରଖିଛି । ଏସବୁ ବ୍ୟତୀତ ଯେହେତୁ ପ୍ରାଣନାଥ କଲେଜ ସହ ମୋ ଜୀବନର ବହୁ ଅନୁଭୂତି ଜଡିତ, ତେଣୁ ଅବସର ନେବା ପରେ ମଧ୍ୟ ପ୍ରତିଦିନ ସେହି କଲେଜ ଆଡ଼େ ଘେରାଏ ବୁଲି ନ ଆସିଲେ ମୋତେ ଆଦୌ ଭଲ ଲାଗେନା । ଏହା ମୋର ଅଭ୍ୟାସରେ ପରିଣତ ହୋଇଯାଇଛି ।

# ଫୁଲେଇ ରୂପସୀ ରଜନୀଗନ୍ଧା, ତା'ପାଖେ ପଡିଛି ମୋ ମନ ବନ୍ଧା



**ସାଥୀ**

**ପ୍ରଶ୍ନ-** ମୁଁ ଯାହାକୁ ପ୍ରେମ କରୁଛି ସେ ଭାରି ଫୁଲେଇ । ସେ ମୋ ମନକୁ କିପରି ଚୋରି କରିନେଲା ଜାଣିପାରୁ ନାହିଁ ।

*-ଅତୁଲ୍ୟ ସାହୁ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମରେ କେତେବେଳେ ମନ ଚୋରି ହୋଇଯାଏ ତାହା ଜଣାପଡେ ନାହିଁ । ସେହି ରୂପସୀ ପ୍ରେମିକାର ଆଖିକୁ ଚାହିଁଥିବେ, ତା'ଭିତରେ ଚୋରା ଚାହାଣିରେ ସେ ଆପଣଙ୍କ ମନକୁ କିଣି ନେଇଥିବ । 'ଫୁଲେଇ ରୂପସୀ ରଜନୀଗନ୍ଧା, ତା' ପାଖେ ପଡିଛି ମୋ ମନ ବନ୍ଧା ।' ମନ ତ ଚୋରି ହୋଇଗଲା, କେମିତି ଚୋରି ହୋଇଗଲା ଭାବିଲେ ଆଉ କିଛି ଲାଭ ହେବ ନାହିଁ ବରଂ ପ୍ରେମ ଗାଡି କିପରି ଆଗକୁ ଗଡିବ ଆଉ ସେଥିରେ ସକ୍‌ସେସ୍ ହେବେ ସେ ନେଇ ଚିନ୍ତା କରନ୍ତୁ ।

**ପ୍ରଶ୍ନ-** ଅନେକ ଝିଅ ମିଛ କହନ୍ତି କାହିଁକି ?

*-ଏସ.କେ., ବଡବିଲ, କେନ୍ଦୁଝର*

**ଉତ୍ତର:** ଏଭଳି ଗହନ କଥାରେ ନ ପଶିବା ଭଲ । କାରଣ ତାହାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ ।

**ପ୍ରଶ୍ନ-** ମୋତେ ଜଣେ ଝିଅ ଦେଖି ସବୁବେଳେ ହସୁଛି । ହେଲେ ମୁଁ ହସିଦେଲେ ସେ ମୁହଁ ମୋଡି ଚାଲି ଯାଉଛି । କ'ଣ କରିବି ?

*-ଆଦିତ୍ୟ କୁମାର, ରାଉରକେଲା*

**ଉତ୍ତର:** ଏଭଳି ଅବସ୍ଥାରେ ସାଥୀକୁ ପାଣିପାଗ ଆଦୌ ଭଲ ଲାଗୁନି । ଝିଅଟି ମୁହଁମୋଡି ଚାଲିଯିବା ପଛରେ ପ୍ରେମର ଇସାରା ଅଛି କି ନାହିଁ ଭଲ ଭାବରେ ପରଖି ନିଅନ୍ତୁ । କାରଣ କେତେକ ଝିଅଙ୍କଠାରେ ପ୍ରେମର ଇସାରା ପଢ଼ିବା ଏତେ ସହଜ ନୁହେଁ । ଆପଣଙ୍କୁ ଦେଖି ହସୁଛି ହେଲେ ଆପଣ ହସିଲେ ମୁହଁ ମୋଡି ଚାଲିଯାଉଛି । ବାସ୍, ସେହି ହସରେ ପ୍ରେମର ପରିଭାଷା ଲୁଚି ରହିଛି । ଚେଷ୍ଟା ଜାରି ରଖନ୍ତୁ ।

**ପ୍ରଶ୍ନ-** ଆଜିକାଲି ଅନେକ ଯୁବକ-ଯୁବତୀ ପ୍ରେମରେ ସମୟ ନଷ୍ଟ କରୁଛନ୍ତି । କାହିଁକି ?

*-ତନ୍ମୟ ସାହୁ, ଯାଜପୁର*

**ଉତ୍ତର:** ପ୍ୟାର୍ କା ଲଡୁ ଜୋ ଖାୟା ପସ୍ତାୟା ଜୋ ନେହିଁ ଖାୟା ଓ ଭି ପସ୍ତାୟା । ଆପଣ ବୋଧହୁଏ କେବେ ପ୍ରେମର ମଜା ନେଇ ନାହାନ୍ତି । ତେଣୁ ପ୍ରେମୀଯୁଗଳଙ୍କୁ ଦେଖିଲେ ଆପଣଙ୍କୁ ପିତା ପିତା ଲାଗୁଛି । ଥରେ ଏ ରଙ୍ଗିନ ଦୁନିଆରେ ପାଦ ଦିଅନ୍ତୁ, ତା'ପରେ ବଳେ ବଳେ ଏହାର ସ୍ୱାଦ ଜାଣିପାରିବେ ।

**ପ୍ରଶ୍ନ-** ମୁଁ ଜଣେ ଝିଅକୁ ଭଲ ପାଉଥିଲି । କିନ୍ତୁ ସେ ଏବେ ମୋତେ ବ୍ଲାକମେଲିଂ କରୁଛି । କ'ଣ କରିବି ?

*-ବିକାଶ ରାଉତ, ନୂଆପଡା*

**ଉତ୍ତର:** ପ୍ରଥମେ ଏହି ବ୍ଲାକମେଲିଂର କାରଣ ଖୋଜି ବାହାର କରନ୍ତୁ । ନ ହେଲେ ଏଥିରେ ସନ୍ତୁଳି ହେବେ ଆଉ ଆପଣଙ୍କ ଭବିଷ୍ୟତ ତାହା ଦ୍ୱାରା ପ୍ରଭାବିତ ହେବ । ଯଦି ଆପଣଙ୍କୁ ବ୍ଲାକମେଲିଂ କରିବା ପଛରେ ଆପଣଙ୍କର କିଛି ଭୂମିକା ନାହିଁ ତେବେ ତାହାର ପ୍ରତିବାଦ କରିପାରନ୍ତି । ଯଦି ଆପଣଙ୍କର କିଛି ଦୋଷ ଅଛି ତେବେ ନିଜ ଗୋଡରେ ତ କୁରାଢ଼ି ମାରିଛନ୍ତି, ଏବେ ସେଥିରୁ କିପରି ବର୍ତ୍ତିବେ ଯୋଜନା କରନ୍ତୁ ।



ଅକ୍ଷୟ କୁମାର



କାଦର ଖାଁ



ଚନ୍ଦ୍ରଚୂଡ଼ ସିଂ

# ସେଲିବ୍ରିଟି ଟିଚର୍

**ବଲିଉଡ୍‌ର ଗ୍ଲାମର୍ ଦୁନିଆର ଏମାନେ ଜଣେ ଜଣେ ତାରକା। ହେଲେ ଏହି ଦୁନିଆକୁ ଆସିବା ପୂର୍ବରୁ ଏମାନେ ବି ଥିଲେ ଆମପରି ସାଧାରଣ ମଣିଷ। କେହି କେହି ତ ଥିଲେ ଭିନ୍ନଭିନ୍ନ କ୍ଷେତ୍ରରେ ଜ୍ଞାନର ଆଲୋକ ପ୍ରଦାନ କରୁଥିବା ଗୁରୁ। ଜାଣନ୍ତୁ ସେମିତି କେତେଜଣ ସେଲିବ୍ରିଟି ଟିଚର୍‌ଙ୍କ ସମ୍ପର୍କରେ...**

**ଅକ୍ଷୟ କୁମାର–** ଖିଲାଡି ମାଷ୍ଟର୍ ଅକ୍ଷୟ କୁମାର ବଲିଉଡ୍‌ର ଜଣେ ଆଗଧାଡିର ନାୟକ। ଆକ୍ସନ, କମେଡି, ସିରିୟସ୍ ସବୁପ୍ରକାର ରୋଲ୍‌ରେ ସେ ବେଶ୍ ଦକ୍ଷ। କଳାକାର ପରିବାରର ନ ହୋଇ ବି ବଲିଉଡ୍‌ରେ ସେ ପରିଚିତ ସୁପରଷ୍ଟାରଭାବେ। ତେବେ ଏହି ଗ୍ଲାମର୍ସ ଲାଇଫ୍ ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି? ପାଠପଢାରେ ସେ ସେତେଟା ଭଲ ନ ଥିଲେ। କଲେଜ ମାତ୍ର ଗୋଟିଏ ବର୍ଷ ପଢି ପାଠ ଛାଡିଦେଇଥିଲେ। ଟାଏକୋଣ୍ଡୋରେ ବ୍ଲାକ୍ ବେଲ୍ଟ ହାସଲ କରିଥିବା ଅକ୍ଷୟ ପରେ ବ୍ୟାଂକକ୍ ଯାଇଥିଲେ ମାର୍ଶଲ ଆର୍ଟ ଶିଖିବାକୁ। ସେଠି ସେ ମୁଆୟ ଥାଇ ଶିଖିଲେ। ତା'ସହ ହୋଟେଲରେ ସେଫ୍ ଓ ୱେଟର କାମ କରୁଥିଲେ। ଏହି ଶିକ୍ଷା ଗ୍ରହଣ ପରେ ସେ ମୁମ୍ବାଇ ଚାଲି ଆସିଲେ। ଆଉ ମାର୍ଶଲ ଆର୍ଟ ଶିଖାଇବା ଆରମ୍ଭ କଲେ। ସାଜିଗଲେ ମାର୍ଶଲ ଆର୍ଟର ଗୁରୁ। ଏହି ସମୟରେ ତାଙ୍କର ଜଣେ ଶିଷ୍ୟ ଅକ୍ଷୟଙ୍କୁ ମଡେଲିଂ କରିବା ପାଇଁ ପରାମର୍ଶ ଦେଲେ। ତା'ସହ ତାଙ୍କୁ ଏକ ମଡେଲିଂ ଆସାଇନ୍‌ମେଣ୍ଟ ବି ଦେଲେ। ପ୍ରଥମ ଦୁଇଦିନର ଶୁଟିଂରେ ଅକ୍ଷୟ ଯେତିକି ରୋଜଗାର କଲେ ତାହା ତାଙ୍କ ମାସକ ପରିଶ୍ରମରୁ ମିଳୁଥିବା ଅର୍ଥଠାରୁ ଅଧିକ ଥିଲା। ତେଣୁ ସେ ମଡେଲିଂ କରିବାକୁ ଶ୍ରେୟସ୍କର ମଣିଲେ। ସମୟକ୍ରମେ ସେ ସାଜିଲେ ନାୟକ। ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା ଦିଦାର।


**ନନ୍ଦିତା ଦାସ–** ଡସ୍କି ବ୍ୟୁଟି ନନ୍ଦିତା ଦାସ, ଭାରତୀୟ ଚଳଚ୍ଚିତ୍ର ଜଗତର ଜଣେ ବହୁ ପରିଚିତ ନାଁ। ସେ ୧୦ରୁ ଊର୍ଦ୍ଧ୍ୱ ଭାଷାରେ ୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତା'ସହ ନିର୍ଦ୍ଦେଶିକାଭାବେ ବି ସଫଳ ହୋଇଛନ୍ତି। କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଦୁଇ ଥର ଜୁରି ହୋଇଛନ୍ତି। ଏହି ସଫଳ ନାୟିକା ଜଣକ ବି ଦିନେ ଶିକ୍ଷାଦାନ କରୁଥିଲେ। ଦିଲ୍ଲୀ ସ୍କୁଲ ଅଫ୍ ସୋସିଆଲ୍ ୱାର୍କରେ ମାଷ୍ଟରଡିଗ୍ରୀ ହାସଲ କରିବା ପରେ ସେ ଋଷି ଭ୍ୟାଲି ସ୍କୁଲରେ କିଛିଦିନ ପିଲାଙ୍କୁ ପଢାଇଛନ୍ତି। ପିଲାଙ୍କୁ ପଢାଇବା ସହ ନନ୍ଦିତା ଥିଏଟରରେ କାମ କରିବା ବି ଚାଲୁ ରଖିଥିଲେ।

**ଚନ୍ଦ୍ରଚୂଡ଼ ସିଂ–** ମାଚିସ୍ ଚଳଚ୍ଚିତ୍ରରୁ ପ୍ରସିଦ୍ଧି ହାସଲ କରିଥିବା ଅଭିନେତା ଚନ୍ଦ୍ରଚୂଡ଼ ସିଂ ମଧ୍ୟ ଗ୍ଲାମର୍ ଦୁନିଆକୁ ଆସିବା ପୂର୍ବରୁ ଶିକ୍ଷକ ଥିଲେ। ତେବେ ସେ ଥିଲେ ସଙ୍ଗୀତ ଶିକ୍ଷକ। ଡୁନ୍ ସ୍କୁଲରେ ସେ ପିଲାଙ୍କୁ ସଙ୍ଗୀତ ଶିକ୍ଷା ଦେଉଥିଲେ।


**କାଦର ଖାଁ–** ବହୁ ପ୍ରତିଭାର ଅଧିକାରୀ ଥିଲେ କାଦର ଖାଁ। ଅଭିନୟ ସହ ସ୍କ୍ରିନ୍ ରାଇଟର୍, କମେଡିଆନ ଏବଂ ନିର୍ଦ୍ଦେଶକ ଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ତେବେ ବଲିଉଡ୍‌ରେ ନିଜର ସ୍ଥାନ ସୁଦୃଢ କରିବା ପୂର୍ବରୁ ଅର୍ଥାତ୍ ୧୯୭୦-୭୫ ମଧ୍ୟରେ ସେ ମୁମ୍ବାଇର ଏମ୍.ଏଚ୍. ସବୁ ସିଦ୍ଦିକ୍ କଲେଜ ଅଫ୍ ଇଞ୍ଜିନିୟରିଂରେ ସିଭିଲ ଇଞ୍ଜିନିୟରିଂର ପ୍ରଫେସର୍ ଥିଲେ।

**ବଲରାଜ ସାହନୀ–** ୬୦-୭୦ଦଶକର ଚଳଚ୍ଚିତ୍ର ଜଗତରେ ବଲରାଜ ସାହନୀ ଏକ ବହୁ ପରିଚିତ ନାଁ। ଅଭିନୟରେ ସେ ଯେମିତି ଦକ୍ଷ ଥିଲେ ପାଠପଢାରେ ବି ସେ ଥିଲେ ବହୁତ ଭଲ। ଇଂଲିଶରେ ସେ ଡବଲ୍ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଗୋଟିଏ ଡିଗ୍ରୀ ଲାହୋର୍ ୟୁନିଭର୍ସିଟି ଓ ଦ୍ୱିତୀୟଟି ପଞ୍ଜାବ ୟୁନିଭର୍ସିଟିରୁ ଲାଭ କରିଥିଲେ। ତା'ସହ ହିନ୍ଦୀରେ ବ୍ୟାଚେଲର୍ ଡିଗ୍ରୀ ହାସଲ କରିଥିଲେ। ଅଭିନୟ ଜଗତକୁ ଆସିବା ପୂର୍ବରୁ ତଥା ବିବାହ ପରେ ୩୦ଦଶକରେ ସେ ଓ ତାଙ୍କ ସ୍ତ୍ରୀ ଜନ୍ମସ୍ଥାନ ରାୱଲପିଣ୍ଡି ଛାଡି ବେଙ୍ଗଲ, ଶାନ୍ତି ନିକେତନରେ ଥିବା ଟାଗୋରଙ୍କ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଇଂଲିଶ ଓ ହିନ୍ଦୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ।

**ଉତ୍ପଳ ଦତ୍ତ–** ଉଭୟ ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରି ନିଜର ଛାପ ଛାଡି ଯାଇଥିବା ଅଭିନେତା ଉତ୍ପଳ ଦତ୍ତ କୋଲକାତାର ସାଉଥ୍ ପଏଣ୍ଟ ସ୍କୁଲରେ ଇଂଲିଶ ଶିକ୍ଷକଭାବେ କାମ କରୁଥିଲେ।



ବଲ୍‌ରାଜ୍ ସାହନୀ



ଉତ୍ପଳ ଦତ୍ତ



ନନ୍ଦିତା




ସତ୍ୟପ୍ରକାଶ

ଆପଣଙ୍କ ମୁହଁ
ମଡେଲ ମିରର୍‌ରେ ଦେଖିବାକୁ
ଚାହୁଁଥିଲେ ଯୋଗାଯୋଗ :
ଧରିତ୍ରୀ ଛୁଟିଦିନ,
ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦,
ଫୋନ୍ ନଂ : (୦୬୭୪)
୨୫୮୦୧୦୧

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡେ ନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଫେୟାର୍‌ନେସ୍ କ୍ରିମ


ଛୋଟପିଲାଟିଏ ଦୋକାନୀକୁ- ଅଙ୍କଲ୍, ଗୋରା ହେବା କ୍ରିମ୍ ଅଛି ?
ଦୋକାନୀ-ହଁ।
ଛୋଟପିଲା- ତା'ହେଲେ ଲଗଉନ କାହିଁକି ? ସବୁଦିନ ତମକୁ ଦେଖି ମୁଁ ଡରି ଯାଉଛି।


## ସୁଇସାଇଡ୍

ଝଗଡା ପରେ ସ୍ୱାମୀ ବାହାରକୁ ଯାଉଥାଆନ୍ତି। ତାହା ଦେଖି ସ୍ତ୍ରୀ- କୁଆଡେ ଯାଉଛ ?
ସ୍ୱାମୀ- ସୁଇସାଇଡ୍ କରିବାକୁ।
ସ୍ତ୍ରୀ- ହଉ ଠିକ୍ ଅଛି। ଏଇ ବ୍ୟାଗ୍‌ଟା ନେଇକି ଯାଅ।
ସ୍ୱାମୀ(ଆଶ୍ଚର୍ଯ୍ୟ ହୋଇ)- କାହିଁକି ?
ସ୍ତ୍ରୀ- ତୁମର ଯଦି ସୁଇସାଇଡ୍ କରିବା ମୁଡ୍ ବଦଳିଯିବ, ତା'ହେଲେ କିଲେ ଆଳୁ ଓ କିଲେ ପିଆଜ ଆଣିଦେବ।

## ଲାପ୍‌ଟପ୍

ପୁଅ ରାତିରେ ମଦ ପିଇ ଘରକୁ ଫେରିଥାଏ। ବାପାଙ୍କ ଗାଳି ମାଡରୁ ବଞ୍ଚିବା ପାଇଁ ସଙ୍ଗେ ସଙ୍ଗେ ଲାପ୍‌ଟପ୍ ଖୋଲି ବସି ପଡିଲା।
ଏହା ଦେଖି ବାପା- ଆଜି ପୁଣି ମଦ ପିଇଚୁନା ?
ପୁଅ- ନା ବାପା।
ବାପା- ବଦ୍‌ମାସ୍, ପିଇନୁ ଯଦି ସୁଟ୍‌କେସ୍ ଖୋଲି ପଢୁଛୁ କାହିଁକି ?





# କାଙ୍ଗଡ଼ା ଉପତ୍ୟକା

**ହିମାଚଳପ୍ରଦେଶ ଅନ୍ତର୍ଗତ କାଙ୍ଗଡ଼ା ଉପତ୍ୟକା ହେଉଛି ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଚା' ଚାଷ ପାଇଁ ଏହି ସ୍ଥାନଟି ପ୍ରସିଦ୍ଧି ଲାଭ କରିଛି। ତା'ଛଡ଼ା ସବୁ ବର୍ଗର ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଅନେକ ଦର୍ଶନୀୟସ୍ଥାନ ମଧ୍ୟ ଏଠାରେ ଦେଖିବାକୁ ମିଳିଥାଏ। ଖାସ୍ ଏଇଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୁଏ।**



## କ'ଣ ଦେଖିବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା କାଙ୍ଗଡ଼ା ଉପତ୍ୟକାଟି ସମୁଦ୍ରପତ୍ତନଠାରୁ ପ୍ରାୟ ଦୁଇ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ। ଏହି ଉପତ୍ୟକା ନିକଟରେ ଏକ ଚିରସ୍ରୋତା ନଦୀ ପ୍ରବାହିତ ହୋଇଥାଏ। ସେହିପରି କୁହାଯାଏ, ଚା' ଚାଷ କୁଆଡେ ଏଠାରେ ଭଲ ହୋଇଥାଏ। ତେଣୁ ଚା' ଚାଷ ଦେଖିବା ପାଇଁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି। କେବଳ ସେତିକି ନୁହେଁ କାଙ୍ଗଡ଼ା ଉପତ୍ୟକାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ ରହିଛି, ଯେମିତିକି –

**ତ୍ରିଉଣ୍ଡ :** ହିମାଚଳପ୍ରଦେଶର କାଙ୍ଗଡ଼ା ଜିଲା ଅନ୍ତର୍ଗତ ଏକ ଛୋଟ ପାହାଡିଆ ଅଞ୍ଚଳ ହେଉଛି ତ୍ରିଉଣ୍ଡ, ଯାହା ପର୍ଯ୍ୟଟକଙ୍କ ମନ ମୋହି ନେଇଥାଏ। ତା'ଛଡ଼ା ଏହା ମଧ୍ୟ ଏକ ଲୋକପ୍ରିୟ ଟ୍ରେକିଂ ପଏଣ୍ଟ ହୋଇଥିବାରୁ ବର୍ଷସାରା ଦେଶବିଦେଶରୁ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

**ମସ୍ରୁର୍ ମନ୍ଦିର:**ଏହା ମଧ୍ୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ରକ୍-କଟ୍ ମନ୍ଦିର ଭାବେ ବି ଏହା ଜଣାଶୁଣା। ଏହି ମନ୍ଦିରର କାରୁକାର୍ଯ୍ୟ ଖୁବ୍ ଚମତ୍କାର ହୋଇଥିବାରୁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ ପରିଲକ୍ଷିତ ହୋଇଥାଏ।

**କାଙ୍ଗଡ଼ା ଦୁର୍ଗ:** କାଙ୍ଗଡ଼ା ଜିଲା ଅନ୍ତର୍ଗତ ଧର୍ମଶାଳାକୁ ହିମାଚଳପ୍ରଦେଶର ଶୀତକାଳୀନ ରାଜଧାନୀ କୁହାଯାଇଥାଏ। ଧର୍ମଶାଳାଠାରୁ ପ୍ରାୟ ୨୦ କି.ମି ଦୂରରେ ହିଁ କାଙ୍ଗଡ଼ା ଦୁର୍ଗ ଅବସ୍ଥିତ। ଏହି ଦୁର୍ଗଟିର କାରୁକାର୍ଯ୍ୟ ତଥା ତା' ମଧ୍ୟରେ ଥିବା ଛୋଟବଡ଼ ଦେବଦେବୀଙ୍କ ମନ୍ଦିର ବେଶ୍ ଆକୃଷ୍ଟ କରିଥାଏ ପର୍ଯ୍ୟଟକଙ୍କୁ।

## କେବେ ଯିବେ


ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି। ତେବେ ବର୍ଷାଦିନେ ଏଠାକୁ ଗଲେ, ପ୍ରକୃତିର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବାର ସୁଯୋଗ ମିଳିଥାଏ। କିନ୍ତୁ ଏହା ଟିକେ ପାହାଡିଆ ସ୍ଥାନ ହୋଇଥିବାରୁ ବର୍ଷାଦିନେ ଏଠାକୁ ଗଲେ ସାବଧାନତା ଅବଲମ୍ବନ କରିବାକୁ ପଡିଥାଏ।

## କେମିତି ଯିବେ


କାଙ୍ଗଡ଼ା ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ, କାଙ୍ଗଡ଼ା ଭାଲି ରେଲୱେ ଷ୍ଟେଶନ ହେଉଛି ଏହି ଉପତ୍ୟକାର ନିକଟବର୍ତ୍ତୀ ରେଲଷ୍ଟେଶନ। ସେହିପରି ହିମାଚଳପ୍ରଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ମଧ୍ୟ ଏଠାକୁ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକ ନିଜ ସୁବିଧାରେ ଯେଉଁଥିରେ ଚାହିଁବେ ସେଥିରେ ଯାଇ କାଙ୍ଗଡ଼ା ଉପତ୍ୟକାରେ ପହଞ୍ଚିପାରିବେ।

## କାଙ୍ଗଡ଼ା ପେଣ୍ଟିଂର ଚାହିଦା

କାଙ୍ଗଡ଼ା ପେଣ୍ଟିଂର ଆକର୍ଷଣ ପର୍ଯ୍ୟଟକଙ୍କ ମଧ୍ୟରେ ଖୁବ୍ ରହିଥାଏ। ଏତେ ନିଖୁଣ ଭାବେ ଏହି ପେଣ୍ଟିଂ କରାଯାଇଥାଏ ଯେ, ଗୋଟିଏ ନଜରରେ ହିଁ ଏହା କାହାର ବି ମନ କିଣି ନେଇପାରେ।







# ଶ୍ରେଣୀଗୃହ ପାଇଁ ଗହଣା ବିକିଲେ ଶିକ୍ଷୟିତ୍ରୀ







ସରକାରୀ ବିଦ୍ୟାଳୟର ଶ୍ରେଣୀଗୃହ କହିଲେ ସମସ୍ତଙ୍କ ଆଖି ଆଗରେ ନାଚି ଉଠେ- ପୁରୁଣା କୋଠରି ଭିତରେ କିଛି ଚେୟାର ବେଞ୍ଚ ଓ କାନ୍ଥରେ ବ୍ଲାକ୍‌ବୋର୍ଡ। ଏହାଛଡା ପାଠପଢିବା ପାଇଁ ନ ଥାଏ କୌଣସି ଆଧୁନିକ ସରଞ୍ଜାମ କି ଅନ୍ୟକିଛି ସୁବିଧା। ତେବେ ଏହି ଅଭାବକୁ ଦୂର କରିବା ପାଇଁ ଆଗେଇ ଆସିଥିଲେ ତାମିଲନାଡୁ, ଭିଲୁପୁରମ୍‌ସ୍ଥ କନ୍ଦଡୁରେ ଥିବା ପଞ୍ଚାୟତ ୟୁନିୟନ ପ୍ରାଇମେରୀ ସ୍କୁଲର ଇଂଲିଶ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମୋହନ। ଅନ୍ନପୂର୍ଣ୍ଣାଙ୍କୁ ପୁରୁଣା ଶ୍ରେଣୀଗୃହ ଆଦୌ ପସନ୍ଦ ହେଉ ନ ଥିଲା। ସେ ଥିଲେ ତୃତୀୟ ଶ୍ରେଣୀର ଇଂଲିଶ ଶିକ୍ଷୟିତ୍ରୀ। ସେ ଶ୍ରେଣୀର କୋଠରିକୁ ଆଧୁନିକ ରୂପ ଦେବାକୁ ଚାହୁଁଥିଲେ। ଯେମିତିକି ପିଲାଙ୍କୁ ଆଧୁନିକ ଶୈଳୀରେ ପଢାଇପାରିବେ। ଆଉ ସେ ଏଥିପାଇଁ ଏତେ ସମର୍ପିତ ଥିଲେ ଯେ, ନିଜର ପ୍ରିୟ ଗହଣା ବିକିବାକୁ ପଛାଇ ନ ଥିଲେ। ଗହଣା ବିକି ସେଇ ଟଙ୍କାରେ ଶ୍ରେଣୀଗୃହର ନକ୍ସା ବଦଳାଇ ଦେଲେ। ଏବେ ତାହା କୌଣସି ଇଣ୍ଟରନ୍ୟାଶନାଲ ସ୍କୁଲର ଶ୍ରେଣୀଗୃହ ପରି ଲାଗୁଛି। ପିଲାଙ୍କ ମନକୁ ଛୁଇଁଲା ଭଳି ସୁସଜ୍ଜିତ ଏହି ଶ୍ରେଣୀଗୃହରେ ଇଣ୍ଟରାକ୍ଟିଭ ସ୍ମାର୍ଟ ବୋର୍ଡଠୁ ଆରମ୍ଭ କରି ଆରାମଦାୟକ ଓ ରଙ୍ଗିନ ଆସବାବପତ୍ର, ଥାକ ଥାକ ଇଂଲିଶ ବହି ରହିଛି। ଏସବୁ କରିବା ପାଇଁ ତାଙ୍କୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ହେଲେ ଏଥିପାଇଁ ସେ କାହାରି ସାହାଯ୍ୟ ଚାହିଁ ନ ଥିଲେ। ଭଲ ଶ୍ରେଣୀଗୃହ ତିଆରି କରିବା ସହ ପିଲାଙ୍କର ଇଂଲିଶ କହିବା ବା ସ୍ପିକିଂ ଇଂଲିଶ ଭଲ କରାଇବା ପାଇଁ ସେ କ୍ଲାସ୍ ଆରମ୍ଭରୁ ହିଁ ସେମାନଙ୍କ ସହ ଇଂଲିଶରେ କଥା ହୁଅନ୍ତି। ପ୍ରଥମେ ପ୍ରଥମେ ପିଲାମାନେ ଭଲରେ କିଛି ବୁଝିପାରୁ ନ ଥିଲେ। କିନ୍ତୁ ପରେ ସେମାନେ ବୁଝିବାକୁ ସକ୍ଷମ ହେଲେ। ଆଉ ଧୀରେ ଧୀରେ ଭଲ ଇଂଲିଶ କହିବା ଆରମ୍ଭ କଲେ। ଫୋନେଟିକ୍ସ ବ୍ୟବହାର କରି ପିଲାଙ୍କୁ ଇଂଲିଶ ଶବ୍ଦର ପ୍ରକୃତ ଉଚ୍ଚାରଣ ଶିଖାଇଲେ। ପିଲାଙ୍କୁ ବ୍ୟାକରଣରେ ବି ସୁଦୃଢ କରାଇଲେ। ଫଳରେ ପିଲାମାନେ ଇଂଲିଶ ଲେଖାପଢା ଉଭୟରେ ଷ୍ଟ୍ରଙ୍ଗ ହୋଇଗଲେ। ଅନ୍ନପୂର୍ଣ୍ଣା ପିଲାଙ୍କର ଏହି ଉନ୍ନତି ବା ସୁନ୍ଦର ଇଂଲିଶ କହିବାର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ କଲେ। ଆଉ ଲୋକେ ଏହାକୁ ବେଶ୍ ପସନ୍ଦ କଲେ। ତାଙ୍କ ପଢା ଶୈଳୀର ପ୍ରଶଂସା କରାଗଲା। ଏମିତି କି ବିଦେଶରୁ ଲୋକେ ଏହାକୁ ପସନ୍ଦ କରିବା ସହ ଟଙ୍କା ଓ ଉପହାର ପିଲାଙ୍କ ପାଇଁ ପଠାଇଲେ। ଟିଭି ଚ୍ୟାନେଲରୁ ଇଣ୍ଟରଭ୍ୟୁ ପାଇଁ ଅନ୍ନପୂର୍ଣ୍ଣାଙ୍କୁ ନିମନ୍ତ୍ରଣ କରାଗଲା। ଆଉ ଅନ୍ନପୂର୍ଣ୍ଣାଙ୍କୁ ସବୁଠୁ ଭଲ ଶିକ୍ଷକର ସମ୍ମାନ ବି ମିଳିଲା। ବର୍ତ୍ତମାନ ସେ ସାରା ସ୍କୁଲର ଶ୍ରେଣୀଗୃହକୁ ଆଧୁନିକୀକରଣ କରିବାକୁ ଅଣ୍ଟା ଭିଡିଛନ୍ତି। ବାହାରୁ ଆସୁଥିବା ସାହାଯ୍ୟରେ ସେ ସ୍କୁଲର ରୂପରେଖ ସହ ପଠନଶୈଳୀ ବଦଳେଇବାକୁ ଲକ୍ଷ୍ୟ ରଖିଛନ୍ତି।

## କାର୍ଟୁନ କର୍ଣ୍ଣର



ମଞ୍ଚମାୟା

# ପୁଣି ଚମକିବେ ଦୟାନ୍ନା

ଗତ ଯାତ୍ରା ସିଜନ୍‌ରେ ନବଘନ ରାଉଳଙ୍କ ରଚିତ ଏବଂ ତାପସ ସ୍ୱାଇଁ ନିର୍ଦ୍ଦେଶିତ 'ଗୁପ୍ତ ସମ୍ପର୍କ' ଦେଖିଥିବା ଦର୍ଶକଙ୍କୁ ଆଉ ବୁଝାଇ କହିବାକୁ ପଡ଼ିବନି ଯେ, ମଞ୍ଚ ଉପରେ ଦୟାନିଧି ଉପାଧ୍ୟାୟ ଓରଫ୍ 'ଦୟାନ୍ନା' କ'ଣ କରିପାରନ୍ତି। ଆଦିବାସୀ ଯୁବକ ଭୂମିକାରେ ତାଙ୍କର ଜୀବନ୍ତ ଅଭିନୟ ପୁଣି ବାଲେଶ୍ୱରିଆ ଭାଷାର ଶୁଦ୍ଧ ସଂଳାପକୁ ଏବେ ମଧ ଦର୍ଶକ ମନେରଖିଛନ୍ତି। କମେଡି ଷ୍ଟାର୍‌ରୁ ସିଧାସଳଖ ମୁଖ୍ୟ ନାୟକ ପାଲଟିଥିବା ଦୟାନ୍ନାଙ୍କୁ ନେଇ ଚଳିତ ସିଜନ୍‌ରେ ମଧ ଚର୍ଚ୍ଚା ଜୋର ଧରିଲାଣି। ତାଙ୍କର ଫ୍ୟାନ୍‌ମାନେ ଏବେଠୁ କହିବାକୁ ଆରମ୍ଭ କଲେଣି – ଏଥର ପୁଣି ଚମକିବେ ଦୟାନ୍ନା। ଏପରି କହିବାର ମୁଖ୍ୟ କାରଣ ହେଉଛି ଯାତ୍ରା ଇନ୍ଦ୍ରମହଲ ପ୍ରଯୋଜିତ ଡାଇନାମିକ୍ ଡାଇରେକ୍ଟର ତାପସ ସ୍ୱାଇଁ ନିର୍ଦ୍ଦେଶିତ ତଥା ନିହାର ମହାନ୍ତିଙ୍କ ରଚିତ ନାଟକ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'। ଏଥିରେ ଦୟାନ୍ନା କୃଷ୍ଣ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ମହାଭାରତ ମହାକାବ୍ୟରେ ଭଗବାନ ଶ୍ରୀକୃଷ୍ଣ ଯାହା କରିଥିଲେ ଏଠାରେ ଦୟାନ୍ନା ମଧ ଠିକ୍ ସେଇଆ କରିବେ। ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ଧର୍ମ ପକ୍ଷରେ ରହି ସତ୍ୟର ପ୍ରତିଷ୍ଠା କରିଥିଲେ। ପାପୀମାନଙ୍କୁ ଦଣ୍ଡ ପ୍ରଦାନ କରିଥିଲେ। ଏଠାରେ ମଧ ଦୟାନ୍ନାଙ୍କ ଚରିତ୍ର ଠିକ୍ ସେଇଆ। ସେ ଦୋଷୀକୁ ଦଣ୍ଡ ଦେଇ କେମିତି ଗୋଟେ ନିରୀହା ବାଳିକାକୁ ନ୍ୟାୟ ଦେଉଛନ୍ତି ତାହା ଏହି ନାଟକରେ ଦେଖିବାକୁ ମିଳିବ। ଏହି ନାଟକ ବ୍ୟତୀତ, ଅନୁଷ୍ଠାନର ଅନ୍ୟ ତିନିଗୋଟି ନାଟକରେ ରହିଛି ଦୟାନ୍ନାଙ୍କ ଦମ୍‌ଦାର କମେଡି ଚରିତ୍ର। ପ୍ରଥମ ନାଟକ ଭେଟେରାନ୍ ହରବାରିକଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ବଡ଼ଲୋକକୁ ଉତ୍ତର ନାହିଁ'ରେ ସେ ସିନେମା ନିର୍ଦ୍ଦେଶକ ଅପର୍‌ସନ୍ ମହାନ୍ତି ଓରଫ ଏପି ମହାନ୍ତି ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ସେହିଭଳି ସୁକାନ୍ତ ମଲ୍ଲିକଙ୍କ ରଚିତ ଏବଂ ଯୋଗେନ୍ଦ୍ର ମଲ୍ଲିକ ନିର୍ଦ୍ଦେଶିତ 'ଉର୍ବଶୀ ଆସୁଛନ୍ତି ଇନ୍ଦ୍ରମହଲ୍'ରେ ଜଣେ ଜଗୁଆଳିର ପୁଅ ଏବଂ ଅରୁଣ ବାରିକ ରଚିତ ତଥା ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ଗଙ୍ଗା ପାପକଲେ ଧୋଇବ କିଏ'ରେ ଜଣେ ଘୁଷୁରିଆ କେଳା। ଚାରିଗୋଟି ନାଟକରେ ଭିନ୍ନଭିନ୍ନ ଚାରିଗୋଟି ଭୂମିକା। ତେଣୁ ଗୋଟିଏ କଥା କୁହାଯାଇ ପାରିବ ଯେ, ନିଜ ଭର୍ସାଟିଲିଟିର ପରିଚୟ ଦେବାକୁ ଏଥର ଭରପୂର ସୁଯୋଗ ରହିଛି ଦୟାନ୍ନାଙ୍କ ନିକଟରେ। ଦୟାନ୍ନା ! ଗୁଡ୍ ଲକ୍।





'ମୃତ୍ୟୁଦଣ୍ଡ' ନାଟକର ଏକ ଦୃଶ୍ୟ।

# ସାବାସ ମହେଶ

ରାଣୀ ରାଜ ରାଜେଶ୍ୱରୀ ଜଗଦ୍ଦେବ ! ସେ ହେଉଛନ୍ତି ସାମନ୍ତବାଦୀ ଶାସନର ଶେଷତମ ପ୍ରତିନିଧି। ତାଙ୍କ ଭିତରେ ଅହଂକାର ନାହିଁ। ତା' ପରିବର୍ତ୍ତେ ଅଛି ଦୟା, କ୍ଷମା, କୃପା, କରୁଣା। ସେତିକିନୁହେଁ, ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ। ଅପରପକ୍ଷରେ, ରାଜକୁମାର ବିକ୍ରାନ୍ତ ଜଗଦ୍ଦେବ ; ଯିଏ ସାମ୍ୟବାଦର ଘୋର ପରିପନ୍ଥୀ। ଜଣେ କଠୋର ସାମନ୍ତବାଦୀ। ତାଙ୍କ ଭିତରେ ଭରି ହୋଇ ରହିଛି ସାମନ୍ତବାଦୀ ଶାସନର ଅହମିକା। ଉଚ୍ଚ-ନୀଚ, ଆଭିଜାତ୍ୟ-ଦଳିତ ଭଳି ବର୍ଗ ବା କ୍ଲାସ୍‌କୁ ଅଗ୍ରାଧିକାର ଦେଉଥିବା ସେ ଏକ ସାମନ୍ତବାଦୀ ବୁର୍ଜୁଆ। ଏହି ଦୁଇବର୍ଗ (ମା' ଓ ପୁଅ) ମଧ୍ୟରେ ଏକ ଭୟଙ୍କର ଛାୟା-ସଂଘର୍ଷର ସୂତ୍ରପାତ ହୁଏ ଯେତେବେଳେ ରାଜମାତା ରାଜ ରାଜେଶ୍ୱରୀ ଜଗଦ୍ଦେବ ଅପରିସୀମ କରୁଣାରେ ଜୁଡୁବୁଡୁ ହୋଇ ବସ୍ତିର ଦୁଇଜଣ ଅନାଥ ପୁଅଝିଅଙ୍କୁ ରାଜପ୍ରାସାଦକୁ ନେଇ ଆସନ୍ତି ଆଉ ସେମାନଙ୍କୁ ନିଜ ପୁଅଝିଅର ମାନ୍ୟତା ଦିଅନ୍ତି। ରାଜରକ୍ତର ହୋଇ ନ ଥିଲେ ମଧ ରାଜ ପରିବାରର ଛତ୍ରଛାୟାରେ ବଡ଼ ହୁଅନ୍ତି କ୍ରିଷ୍ଣକାନ୍ତ ଜଗଦ୍ଦେବ ଏବଂ ନନ୍ଦିନୀ ଜଗଦ୍ଦେବ। ସେମାନେ ଚାହାନ୍ତି ଏକ ସମାନ୍ତରାଳ ଗଣତାନ୍ତ୍ରିକ ଜୀବନ ; ଯାହାର ପୃଷ୍ଠଭୂମିରେ ଥିବ ତ୍ୟାଗ, ପ୍ରେମ, ସହନଶୀଳତା ଆଉ ଭଲପାଇବା। ମାତ୍ର ସତରେ କ'ଣ ସେମାନଙ୍କୁ ସେପରି ଏକ ଜୀବନ ମିଳେ ? ଏହାର ଉତ୍ତର ରହିଛି ବାଘାଯତୀନ ଲୋକନାଟ୍ୟର ଏବର୍ଷର ସଫଳ ନାଟକ 'ମୃତ୍ୟୁଦଣ୍ଡ'ରେ। ଅରୁଣ ନାୟକଙ୍କ ରଚିତ ଏବଂ ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ମୃତ୍ୟୁଦଣ୍ଡ'କୁ ଓଡ଼ିଆ ଯାତ୍ରାଜଗତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନାଟକ ବୋଲି କୁହାଯାଇପାରେ। ଯାତ୍ରା ନାଟକ ଏଯାଏ ଓଡ଼ିଆ ସାହିତ୍ୟର ମୁଖ୍ୟସ୍ରୋତରେ ସାମିଲ ହୋଇନାହିଁ। କାରଣ, ଶସ୍ତା ଧରାବନ୍ଧା କାହାଣୀ, ମିଲୋ ଡ୍ରାମା ଏବଂ ପୂର୍ବାପର-ପ୍ରସଙ୍ଗ-ବିବର୍ଜିତ ସଂଳାପ। 'ମୃତ୍ୟୁଦଣ୍ଡ' ଏସବୁକୁ ଅତିକ୍ରମ କରିଛି। ସେଥିଲାଗି ପ୍ରଥମଥର ପାଇଁ ହୋଇଥିଲେ ମଧ ନିର୍ଦ୍ଦେଶକ ମହେଶ ସାବାସି ପାଇବାର ଯୋଗ୍ୟ। ଏ ନାଟକରେ ମହେଶ ନିଜର ଅନେକ ଦୁଃସାହସିକତାର ପରିଚୟ ଦେଇଛନ୍ତି। ସେଥିମଧ୍ୟରୁ ଗୋଟିଏ ଆଇଟମ୍ ସଙ୍ଗ୍। ସାଧାରଣତଃ ନିର୍ଦ୍ଦେଶକମାନେ ଆଇଟମ୍ ଗୀତକୁ ରାତି ପାହିବା ବେଳକୁ ରଖୁଥିବା ବେଳେ ସେ ଏହାକୁ ନାଟକର ପ୍ରଥମଗୀତ (ଟାଇଟଲ୍‌କୁ ବାଦଦେଇ) ଭାବରେ ବ୍ୟବହାର କରିଛନ୍ତି। ସେହିପରି ନାଟ୍ୟକାର ଏଥିରେ ଅନେକ ଉଚ୍ଚକୋଟୀର ସଂଳାପ ରଚନା କରିଛନ୍ତି ; କୌଣସି ସଂଳାପକୁ ଅପ୍ରାସଙ୍ଗିକ କୁହାଯାଇ ପାରିବ ନାହିଁ। ବରଂ ଏକଥା କୁହାଯାଇପାରିବ ଯେ, ଏଥିରୁ ଭେଟେରାନ୍ ନାଟ୍ୟକାର ନିର୍ଦ୍ଦେଶକ ହର ବାରିକ୍‌ଙ୍କ ଫ୍ଲେଭର ମିଳିପାରୁଛି। କ୍ରିଷ୍ଣକାନ୍ତ ଭୂମିକାରେ ବାପି ପଣ୍ଡାଙ୍କ ଭୂମିକା ବିଲ୍‌କୁଲ୍ ଦମଦାର। ସଂଗୀତରେ ଜଲ୍‌ୱା ଦେଖେଇଛନ୍ତି ମିହିର ମହାନ୍ତି। ଧରାବନ୍ଧା କାହାଣୀରେ ଅଭ୍ୟସ୍ତ ହୋଇସାରିଥିବା ଓଡ଼ିଆ ଯାତ୍ରାଦର୍ଶକ 'ମୃତ୍ୟୁଦଣ୍ଡ'କୁ କେମିତି ଗ୍ରହଣ କରିବେ ତାହା ଭିନ୍ନକଥା ; ମାତ୍ର ଏହା ଯେ ଉଚ୍ଚ ଗୁଣାତ୍ମକ ନାଟକ ସେକଥା ଅନସ୍ୱୀକାର୍ଯ୍ୟ। ନାଟକରେ ନିଗମ ମିଶ୍ର ଗୀତ ରଚନା କରିଥିବା ବେଳେ ଗୁରୁପ୍ରସାଦ ପୃଷ୍ଟି ଏଥିରେ ସହାୟକ ଭାବରେ କାର୍ଯ୍ୟ କରିଛନ୍ତି।


ନିର୍ଦ୍ଦେଶକ ମହେଶ ହାଜରା

# ଅବତାରୀ ଦଲାଇ ଲାମା

ଦଲାଇ ଲାମାଙ୍କୁ ଜଣେ ଅବତାରୀ ପୁରୁଷ। ଏହା ତୀବ୍ବତୀୟଙ୍କ ଦୃଢ଼ ବିଶ୍ୱାସ। ସେହି ବିଶ୍ୱାସ ଅନୁଯାୟୀ ଦଲାଇ ଲାମାଙ୍କ ମୃତ୍ୟୁ ପରେ ସେ ପୁଣିଥରେ ନୂତନ ରୂପରେ ଜନ୍ମ ନିଅନ୍ତି। ସେ ହେଉଛନ୍ତି ବୁଦ୍ଧଙ୍କର ଏକ ଅବତାର। ତେଣୁ ତାଙ୍କର ମୃତ୍ୟୁ ନାହିଁ। ସେ କେବଳ ଦେହ ତ୍ୟାଗ କରନ୍ତି ଏବଂ ଆଉ ଏକ ନୂତନ ବିଗ୍ରହ ଧାରଣ କରନ୍ତି। ତ୍ରୟୋଦ୍ଦଶ ଦଲାଇ ଲାମା ଥୁବ୍‌ଟେନ୍ ଗ୍ୟାତ୍‌ସୁଙ୍କ ଦେହାନ୍ତ ଘଟିବାର ପ୍ରାୟ ଚାରିବର୍ଷ ପରେ ତୀବ୍‌ବତୀୟମାନଙ୍କୁ ସେମାନଙ୍କର ଚତୁର୍ଦ୍ଦଶ ଦଲାଇ ଲାମା ତେନ୍‌ଜିନ୍ ଗ୍ୟାତ୍‌ସୁ ପ୍ରାପ୍ତ ହୋଇଥିଲେ। ତେଣୁ ଜଣେ ଦଲାଇ ଲାମାଙ୍କ ଦେହାବସାନ ପରେ ତୀବ୍ବତୀୟମାନେ ନାନାଦି ପାରମ୍ପରିକ କ୍ରିୟାକର୍ମ ତଥା ସଂସ୍କାରବିଧି ପାଳନ କରିଥାନ୍ତି। ଏସବୁର ଉଦ୍ଦେଶ୍ୟ ଖୁବ୍‌ଶୀଘ୍ର ଏକ ନୂତନ ଦଲାଇ ଲାମାଙ୍କୁ ପ୍ରାପ୍ତି ହେବା। ତୀବ୍ବତର ଲୋକମାନେ ବିଶ୍ୱାସ କରନ୍ତି ଯେ, 'ହାମୋଇ ଲାସୁ' ନାମକ ଏକ ପବିତ୍ର ହ୍ରଦରୁ ହିଁ ଦଲାଇ ଲାମାଙ୍କର ସନ୍ଧାନ ମିଳିଥାଏ।



ବ୍ୟାକ୍ ପେଜ୍



# ପାଣି ଭିତରେ କମାଲ

ରୁ ବିକ୍ କ୍ୟୁବ୍‌କୁ ସମାଧାନ କରିବା କେତେ ମୁସ୍କିଲ୍ ସମସ୍ତେ ଜାଣନ୍ତି। ଅନେକ ସମୟରେ ତ ଗୋଟିଏ ଗୋଟିଏ ଦିନ ଲାଗିଯାଏ ତାକୁ ସମାଧାନ କରିବା ଲାଗି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ନାବାଳକ ପାଣି ଭିତରେ ରହି ଗୋଟିଏ କି ଦୁଇଟି ନୁହେଁ, ବରଂ ୬ଟି ରୁବିକ୍ କ୍ୟୁବ୍‌କୁ ସମାଧାନ କରିଛନ୍ତି। ଜର୍ଜିଆର ୧୮ ବର୍ଷୀୟ ଓ୍ବାକୋ ମାର୍ଶେଲାସ୍ୱିଲୀ ହେଉଛନ୍ତି ସେହି ବିସ୍ମୟ ବାଳକ। ସେ ପାଣିରେ ବାରମ୍ବାର ବୁଡି ଏହି କାରନାମା କରି ନାହାନ୍ତି। ବରଂ ଗୋଟିଏ ଥର ବୁଡି ଗୋଟିଏ ନିଃଶ୍ୱାସରେ ୬ଟି ରୁବିକ୍ କ୍ୟୁବ୍ ସମାଧାନ କଲେ। ଆଉ ଏଥିପାଇଁ ତାଙ୍କୁ ଲାଗିଥିଲା ମାତ୍ର ୧ ମିନିଟ ୪୪ ସେକେଣ୍ଡ। ଓ୍ବାକୋ ଏହି କାମ ପାଣିର ଏକ ବିଶାଳକାୟ ଟାଙ୍କି ଭିତରେ ବୁଡି କରିଥିଲେ। ଏତେ ସମୟ ଧରି ନିଃଶ୍ୱାସ ବନ୍ଦ ରଖି ରୁବିକ୍ କ୍ୟୁବ୍ ସମାଧାନ କରିବା ସହଜ ନ ଥିଲା। ତଥାପି ଏହି ଅସମ୍ଭବକୁ ଖୁବ୍ କମ୍ ସମୟ ମଧ୍ୟରେ ସମ୍ଭବ କରିପାରିଥିବାରୁ ସେ ଗିନିଜ୍ ଓ୍ବାର୍ଲଡ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ।





# ଦମ୍‌ଦାର୍ ନିଃଶ୍ୱାସ

ନିଃ ଶ୍ୱାସ ଦ୍ୱାରା କେବେ ବେଲୁନ୍ ଫୁଲେଇବାକୁ ଚେଷ୍ଟା କରିଛନ୍ତି? ଯଦି ଚେଷ୍ଟା କରନ୍ତି ଜାଣିପାରିବେ ଏହା କେତେ କଷ୍ଟକର କାମ। ତେବେ ୪୩ ବର୍ଷୀୟ ତାଙ୍ଗ ଫେଇହୁ ବେଲୁନ୍ ନୁହେଁ ବରଂ ନିଃଶ୍ୱାସ ଦ୍ୱାରା ଟାୟାର୍‌ରେ ପବନ ଭର୍ତ୍ତି କରି ଫୁଲାଇଛନ୍ତି। ସେ ପୁଣି ଗୋଟିଏ କି ଦୁଇଟି ନୁହେଁ। ଗୋଟିଏ ଥରରେ ୧୨ଟି ଟାୟାରକୁ ନିଃଶ୍ୱାସ ଦ୍ୱାରା ଫୁଲାଇଛନ୍ତି। ନାନଜିଆଙ୍ଗ ଗ୍ରାଣ୍ଡ କାନ୍ୟୋନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ପ୍ରୟାସରେ ସେ ୨ ମିନିଟ୍ ୩୯ ସେକେଣ୍ଡ ନେଇ ଗୋଟିଏ ଥରରେ ୧୦ଟି ଟାୟାର୍ ଟ୍ୟୁବ୍‌କୁ ନିଜର ନିଃଶ୍ୱାସ ଦ୍ୱାରା ଫୁଲାଇଥିଲେ। ପରେ ୫ ମିନିଟ୍‌ର ବ୍ରେକ୍ ନେଇ ପ୍ରଶ୍ୱାସ ଗ୍ରହଣ କରିଥିଲେ। ଆଉ ଦ୍ୱିତୀୟ ପ୍ରୟାସରେ ସେ ଗୋଟିଏ ପାର୍ଶ୍ୱର ନାସାପଥରେ ବାୟୁ ତ୍ୟାଗ କରି ଏକ ସଙ୍ଗରେ ୧୨ଟି ଟ୍ୟୁବ୍‌ରେ ବାୟୁ ଭର୍ତ୍ତି କରିଥିଲେ। ଯେଉଁଥିପାଇଁ ତାଙ୍କୁ ମାତ୍ର ୨ମିନିଟ ୩୦ ସେକେଣ୍ଡ ସମୟ ଲଗିଥିଲା। ଫଳରେ ସେ ଗଢିଲେ ନୂଆ ଏକ ରେକର୍ଡ। ପୂର୍ବରୁ ସେ ଏହି ସମୟରେ ମାତ୍ର ୬ଟି ଟ୍ୟୁବ୍‌ରେ ନିଃଶ୍ୱାସ ମାଧ୍ୟମରେ ବାୟୁ ଭର୍ତ୍ତି କରି ରେକର୍ଡ କରିଥିଲେ।



